# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୮ ◆ ଭୁବନେଶ୍ୱର ◆ ସୋମବାର ◆ ଜୁଲାଇ ୨୦ରୁ ଜୁଲାଇ ୨୬, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-48 ◆ Bhubaneswar ◆ Monday ◆ July 20 to July 26, 2026 ◆ Page-8 ◆ Price Rs.4.00


## ରାଜ୍ୟସଭାରେ ଆଗତ ହେବ 'ବନ୍ଦେ ମାତରମ୍ ବିଲ୍'

ନୂଆଦିଲ୍ଲୀ,(ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନରେ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନର ଆରମ୍ଭରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ 'ବନ୍ଦେ ମାତରମ୍' ବିଲ୍ ଆଗତ କରିବେ। ପ୍ରସ୍ତାବିତ ଆଇନର ଲକ୍ଷ୍ୟ ହେଉଛି ଜାତୀୟ ଗୀତ,'ବନ୍ଦେ ମାତରମ୍' କୁ ଜାତୀୟ ସଙ୍ଗୀତ, 'ଜନ ଗଣ ମନ' ଦ୍ୱାରା ବର୍ତ୍ତମାନ ମିଳୁଥିବା ସମାନ ଆଇନଗତ ଏବଂ ନ୍ୟାୟିକ ସୁରକ୍ଷା ପ୍ରଦାନ କରିବା। ଯଦି ଏହା ପ୍ରଣୟନ କରାଯାଏ, ତେବେ ଏହି ବିଲ୍ ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନରେ ସଂଶୋଧନ ଆଣିବ ଯାହା ଦ୍ୱାରା 'ବନ୍ଦେ ମାତରମ୍'ର ଅପମାନକୁ ଏକ ଦଣ୍ଡନୀୟ ଅପରାଧ ପାଲଟିବ, ଯାହା ଆଇନଗତ ସୁରକ୍ଷା ଦୃଷ୍ଟିରୁ ଜାତୀୟ ସଙ୍ଗୀତ ସହିତ ସମାନ ହେବ।

ପ୍ରସ୍ତାବିତ ଆଇନ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବରେ ଜାତୀୟ ଗୀତର ଆବେଦନକୁ ଅପମାନ କରନ୍ତି କିମ୍ବା ବାଧା ଦିଅନ୍ତି, ତେବେ ସେମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ, ଜରିମାନା କିମ୍ବା ଉଭୟ ହୋଇପାରେ। ରାଷ୍ଟ୍ରୀୟ ସମ୍ମାନର ଅପମାନ ନିବାରଣ ଆଇନ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବ, ଯାହା ଦ୍ୱାରା ଲୋକମାନେ ଏହାକୁ ଗାଇବା ସମୟରେ ଠିଆ ହେବା ଏବଂ ଅସମ୍ମାନ କିମ୍ବା ବାଧା ସୃଷ୍ଟି କରୁଥିବା କାର୍ଯ୍ୟକୁ ଉପରେ ରୋକ ଲଗାଇବ।

ପ୍ରସ୍ତାବିତ ସଂଶୋଧନର ଲକ୍ଷ୍ୟ ହେଉଛି 'ବନ୍ଦେ ମାତରମ୍' କୁ ସମାନ ଆଇନଗତ ସୁରକ୍ଷା ପ୍ରଦାନ କରିବା, ଯାହାକୁ ଜାତୀୟ ଗୀତ ଭାବରେ ମାନ୍ୟତା ମିଳିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଏପରି ଆଇନଗତ ସୁରକ୍ଷା ମିଳିନାହିଁ। ପ୍ରସ୍ତାବିତ ଆଇନ ଅନୁଯାୟୀ, ଯଦି ଏହି ବିଲ୍ ସଂସଦର ଉଭୟ ଗୃହ ଦ୍ୱାରା ଗୃହୀତ ହୁଏ, ତେବେ 'ବନ୍ଦେ ମାତରମ୍'କୁ ଅପମାନ କରିବା ଏକ ଫୌଜଦାରୀ ଅପରାଧ ହୋଇଯିବ। ଯାହାକି ଅନ୍ୟ ରାଷ୍ଟ୍ରୀୟ ପ୍ରତୀକ ଯେପରିକି ଜାତୀୟ ସଙ୍ଗୀତ, ଜାତୀୟ ପତାକା ଓ ସମ୍ବିଧାନର ସୁରକ୍ଷା କରାଯାଏ। ଏହି ଆଇନଗତ ପଦକ୍ଷେପ ଗୃହମନ୍ତ୍ରଣାଳୟ ୯ ଜୁଲାଇରେ ସବୁ ରାଜ୍ୟକୁ ଦିଆଯାଇଥିବା ନିର୍ଦ୍ଦେଶ ପରେ ଆଣିଛି। ଏଥିରେ କୁହାଯାଇଛି ସରକାରୀ କାମ ବେଳେ ଯେତେବେଳେ ବି ଜନଗଣମନ ଗାନ କରାଯାଏ ତେବେ ତା ପୂର୍ବରୁ ବନ୍ଦେ ମାତରମ ଗାନ କରାଯିବ। ଏହି ପ୍ରସ୍ତାବିତ ପରିବର୍ତ୍ତନ ଉପରେ ସଂସଦରେ ଚାଲୁଥିବା



ମୌସୁମୀ ଅଧିବେଶନରେ ଚର୍ଚ୍ଚା ହେବ।

ଅନ୍ୟପକ୍ଷରେ ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ରବିବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଆହୁତ ସର୍ବଦଳୀୟ ବୈଠକରେ ଦେଖିବାକୁ ମିଳିଥିଲା ହାଇଡାମା। ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦମାନଙ୍କ ପାଇଁ ପୃଥକ ବସିବା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରି 'ଇଣ୍ଡିଆ' ମେଣ୍ଟର ସାଂସଦମାନେ ବୈଠକ ବର୍ଜନ କରି ଚାଲିଯାଇଥିଲେ। ତେବେ ବିରୋଧୀ ଦଳର ନେତାମାନେ ପରବର୍ତ୍ତୀ ସମୟରେ ପୁଣି ବୈଠକରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ଏହି ବର୍ଜନକୁ ଏକ ସାଙ୍କେତିକ ପ୍ରତିବାଦ ବୋଲି ଅଭିହିତ କରିଥିଲେ। ସଂସଦ ଆନେକ୍ସ ଠାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ଦ୍ୱାରା ଆହୁତ ଏହି ବୈଠକରେ ସରକାରଙ୍କ ବୈଧାନିକ କାର୍ଯ୍ୟସୂଚୀ ଏବଂ ଆଗାମୀ ଅଧିବେଶନରେ ମୁଖ୍ୟ ସ୍ଥାନ ନେବାକୁ ଥିବା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ଗୃହ ନେତା ମାନେ ଯୋଗ ଦେଇଥିଲେ। ସରକାର ପ୍ରାୟ ୨୦ ଜଣ ବିଦ୍ରୋହୀ ଟିଏମସି ସାଂସଦଙ୍କୁ ନେଇ ଗଠିତ 'ନ୍ୟାସନାଲିଷ୍ଟ କଂଗ୍ରେସ ଅଫ୍ ପ୍ରୋଗ୍ରେସିଭ୍ ଇଣ୍ଡିଆ' ର ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରିବା ଏବଂ ବୈଠକରେ ସେମାନଙ୍କ ପାଇଁ ଏକ ପୃଥକ ଟେବୁଲର ବ୍ୟବସ୍ଥା କରିବା ପରେ ବିରୋଧୀ ଦଳ ପକ୍ଷରୁ ଏହି ୱାକ ଆଉଟ କରାଯାଇଥିଲା। ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏପର୍ଯ୍ୟନ୍ତ ବିଦ୍ରୋହୀ ସାଂସଦମାନଙ୍କୁ ଏକ ପୃଥକ ସଂସଦୀୟ ଦଳ ଭାବରେ ସ୍ୱୀକୃତି ଦେଇନଥିବାରୁ ଏହି ଘଟଣା ବେଶ୍ ଗୁରୁତ୍ୱ ବହନ କରୁଛି।

ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳର ନେତାମାନଙ୍କ ମଧ୍ୟରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ, ସିପିଆଇ(ଏମ) ର ଜନ୍ ବ୍ରିଟାସ୍, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ଟିଏମ୍‌ସିର ସୌଗତ ରାୟ, ମହୁଆ ମୈତ୍ରା, ମହୁଆ ମାଜି, କଂଗ୍ରେସର ପ୍ରମୋଦ ତିୱାରୀ, ଆରଏସପିର ଏନ.କେ. ପ୍ରେମଚନ୍ଦ୍ରନ, ଏନସିପି (ଏସପି) ନେତ୍ରୀ ସୁପ୍ରିୟା ସୁଲେ, କଂଗ୍ରେସ ସାଂସଦ କେ. ସୁରେଶ, ଜେଡି(ୟୁ) ର ସଞ୍ଜୟ ଝା, ଡିଏମ୍‌କେର ତିରୁଚି ସିଭା, କଂଗ୍ରେସର ଗୌରବ ଗୋଗୋଇ, ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ ଏବଂ ଅରବିନ୍ଦ ସାୱନ୍ତ ସାମିଲ ଥିଲେ। ସରକାରଙ୍କ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରତିନିଧିତ୍ୱ କରିଥିଲେ।

## 'ଶବ୍ଦ ସଂଗ୍ରହାଳୟ' ଉଦ୍‌ଘାଟନ କଲେ ଅମିତ ଶାହ

ନୂଆଦିଲ୍ଲୀ,(ଏଜେନ୍ସି): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରବିବାର କୋଲ୍‌କାତାର ଜାତୀୟ ପାଠାଗାରରେ ନବନିର୍ମିତ 'ଶବ୍ଦ ସଂଗ୍ରହାଳୟ'ର ପ୍ରଥମ ପର୍ଯ୍ୟାୟକୁ ଉଦ୍‌ଘାଟନ କରିଛନ୍ତି। ଦେଶର ସାଂସ୍କୃତିକ ଐତିହ୍ୟକୁ ପୁନର୍ଜୀବିତ କରିବା ପାଇଁ ସେ ଏହି ପ୍ରକଳ୍ପକୁ ଏକ ପ୍ରମୁଖ ପଦକ୍ଷେପ ବୋଲି ବର୍ଣ୍ଣନା କରିବା ସହିତ ଭାରତର ସାଂସ୍କୃତିକ ପରିଚୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଜାରି ପ୍ରୟାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏହା ଦେଶର ସଂସ୍କୃତି ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ, କାରଣ ଦେଶର ସାଂସ୍କୃତିକ ଐତିହ୍ୟକୁ ପୁନର୍ଜୀବିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂକଳ୍ପରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ। କୌଣସି ଦେଶ କିମ୍ବା ଅଞ୍ଚଳର ସଂସ୍କୃତି ଏବଂ ଅଭିବ୍ୟକ୍ତି ଭାଷା ବିନା ଅସ୍ତିତ୍ୱ ପାଇପାରିବ ନାହିଁ ଏବଂ ଭାବନାରୁ ଜନ୍ମିତ ଶବ୍ଦ ବିନା ଭାଷା ନିଜେ ଅସ୍ତିତ୍ୱ ପାଇପାରିବ ନାହିଁ। ଯେପର୍ଯ୍ୟନ୍ତ ଆମର ଭବିଷ୍ୟତ ପିଢ଼ି ଏହି ଯାତ୍ରାକୁ ବୁଝିପାରିବେ ନାହିଁ, ସେପର୍ଯ୍ୟନ୍ତ ଦେଶର ସାଂସ୍କୃତିକ ପୁନର୍ଜାଗରଣ ପ୍ରକୃତରେ ଘଟିପାରିବ ନାହିଁ। ଏହି 'ଶବ୍ଦର ସଂଗ୍ରହାଳୟ' ସାଂସ୍କୃତିକ ପୁନର୍ଜାଗରଣର ପ୍ରକ୍ରିୟାରେ ଏକ ମୌଳିକ ଆବଶ୍ୟକତା ପୂରଣ କରିବ ବୋଲି ଦୃଢ଼ନିଶ୍ଚିତ ବୋଲି ଶାହ କହିଛନ୍ତି।

ସ୍ଥାନୀୟ ଭାଷାଗୁଡ଼ିକୁ ସଂରକ୍ଷଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି ଯେ ଏକ ଦେଶର ସ୍ଥାନୀୟ ଭାଷାଗତ ପରିଚୟ କେବଳ ଭାବପ୍ରବଣ ଆସକ୍ତି ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ, ବରଂ ସକ୍ରିୟ ଭାବରେ ଏହା ଲୋକଙ୍କ ଚରିତ୍ରକୁ ଗଢ଼ି ତୋଳିବା ଉଚିତ। ପାରମ୍ପରିକ ଭାଷାଗୁଡ଼ିକୁ ହରାନ୍ତୁ ନାହିଁ ବୋଲି ଲୋକଙ୍କୁ ଆହ୍ୱାନ କରି ଶାହ କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ମାତୃଭାଷା ପ୍ରତି ଆସକ୍ତି ରହିଛି ଏବଂ ଏହା ଠିକ୍। ଏହା ଅନୁଭବ କରିବା ଗୁରୁତ୍ୱପୂର୍ଣ୍ଣ ଯେ ଏହି ଆସକ୍ତି କେବଳ ଏକ ଭାବନା ହୋଇ ରହିବା ଉଚିତ୍ ନୁହେଁ, ବରଂ ଆମ ଚରିତ୍ରର ଏକ ଅବିଚ୍ଛେଦ୍ୟ ଅଂଶ ହେବା ଉଚିତ; ଆମକୁ ଏହା ମଧ୍ୟ ବୁଝିବାକୁ ପଡିବ ଯେ ଭାରତୀୟ ଭାବରେ ଆମେ ହୁଏତ ଆମର ପାରମ୍ପରିକ ପୋଷାକକୁ ଭୁଲିଯାଇଛୁ। ସେ କହିଛନ୍ତି ଯେ ଆମକୁ ନିଶ୍ଚିତ କରିବାକୁ ପଡ଼ିବ ଯେ ଆମେ ଆମର ଭାଷା ହରାଉ ନାହୁଁ। ଯେଉଁମାନେ ଭାଷାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖନ୍ତି, ସେମାନେ ବୁଝିବା ଉଚିତ ଯେ ଭାଷା ଏକ ବିଜ୍ଞାନ।

## ବାହାରିଲା ଆଡ଼ପ ଅବଢ଼ା

ଭୁବନେଶ୍ୱର,(ଜା.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ରତ୍ନସିଂହାସନ ଛାଡ଼ି ନବଦିନ ଯାତ୍ରାରେ ଆସି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ଜନ୍ମବେଦୀରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଛି। ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି କଳାଠାକୁର। ଏହାରି ଭିତରେ ରବିବାର ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରିଛି ପ୍ରଥମ ଆଡ଼ପ ଅବଢ଼ା। ଗତ ତିନିଦିନ ଧରି ରଥ ଉପରେ ମହାପ୍ରଭୁଙ୍କୁ ଶୁଖିଲା ଓ ଶୀତଳ ଭୋଗ ଲାଗି ହେଉଥିଲା। ଆଜିଠାରୁ ଆଡ଼ପ ମଣ୍ଡପରେ ପୁଣି ଅନ୍ନପ୍ରସାଦ ଭୋଗ ଲାଗି ହୋଇଛି। ଆଜି ଅପରାହ୍ଣରେ ପ୍ରଥମ ଆଡ଼ପ ଅବଢ଼ା ବାହାରିବା ପରେ ମହାପ୍ରସାଦ ପାଇ ଭକ୍ତମାନେ ନିଜକୁ ଧନ୍ୟ ମଣିଛନ୍ତି। ଶହଶହ ଶ୍ରଦ୍ଧାଳୁ ଆଡ଼ପ ଅବଢ଼ା ପାଇ ଆନନ୍ଦିତ ହୋଇଛନ୍ତି। ଆସନ୍ତା ୫ ଦିନ ଧରି ଶ୍ରୀଗୁଣ୍ଡିଚା ମନ୍ଦିରରେ ମିଳିବ ଆଡ଼ପ ଅବଢ଼ା।ପ୍ରକାଶ ଯେ ଗତକାଲି ମହାପ୍ରଭୁଙ୍କ ନୀତି ବଢ଼ି ରୁନ୍ଧା ଶେଷ ବେଳକୁ ରାତି ସାଢ଼େ ୩ଟା ବାଜି ଯାଇଥିଲା। ତେଣୁ ରବିବାର ମଙ୍ଗଳଆଳତି, ମଇଲମ୍, ତଡ଼ପ ଲାଗି, ଅବକାଶ, ବେଶ୍ ଓ ଗୋପାଳ ବଲ୍ଲଭ ନୀତି ପରେ ସୂର୍ଯ୍ୟ ପୂଜା ହୋଇ ରୋଷ ହେବା ବେଳକୁ ଦ୍ୱିପ୍ରହର ହୋଇଯାଇଥିଲା। ତେଣୁ ଅପରାହ୍ଣ ୪ଟା ୧୦ରେ ସକାଳ ଧୂପ ଶେଷ ହୋଇ ଅବଢ଼ା ବାହାରିଥିଲା। ଆଡ଼ପ ଅବଢ଼ା ପାଇ ଭକ୍ତ ଓ ଶ୍ରଦ୍ଧାଳୁମାନେ ଚରମ ତୃପ୍ତି ଓ ଆତ୍ମସନ୍ତୋଷ ଲାଭ କରିଥିଲେ। ମହାପ୍ରଭୁଙ୍କ ଏହି ମହାପ୍ରସାଦ ବର୍ଷକ ମଧ୍ୟରେ କେବଳ ମହାପ୍ରଭୁଙ୍କ ଏହି ନବ ଦିନାତ୍ମକ ଯାତ୍ରା ସମୟରେ ମିଳୁଥିବାରୁ ଭକ୍ତ ମାନେ ଏହି ସୁଯୋଗକୁ ହାତଛଡ଼ା କରିନଥିଲେ। ନୀତି ନିର୍ଘଣ୍ଟ ଅନୁଯାୟୀ ପ୍ରାୟ ୪ ଘଣ୍ଟା ବିଳମ୍ବରେ ଆଜି ନୀତିକାନ୍ତି ହୋଇଥିଲା। ଅନ୍ୟପଟେ ବନକଲାଗି ନୀତି ସକାଶେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ରବିବାର ରାତ୍ର ଘ.୯.୦୦ ଟିକା ଠାରୁ ଶ୍ରୀବିଗ୍ରହମାନଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ତେବେ ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ଅନୁପାଳନ ରହିଥିବାରୁ ସୋମବାର ସକାଳ ମଙ୍ଗଳ ଆଳତି ପରେ ସର୍ବସାଧାରଣ ଦର୍ଶନ ଉପଲବ୍ଧ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ସୋମବାର ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ।

ଅନ୍ୟପକ୍ଷରେ ଆଡ଼ପ ମଣ୍ଡପରେ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଗର୍ଭଗୃହରେ ଏସିର ବ୍ୟବସ୍ଥା ହୋଇଛି। ସେହିପରି ଜଗମୋହନ ଭିତରେ କାଠରେ ଖେଳ ପଡିଆ ଗ୍ୟାଲେରୀ ଭଳି ପାହାଚ ପାହାଚ ହୋଇ ରାମ୍ପ ନିର୍ମାଣ କରାଯାଇଛି। ଫଳରେ ପଛରେ ଛିଡ଼ା ହୋଇଥିବା ଶ୍ରଦ୍ଧାଳୁ ପୂର୍ଣ୍ଣ ଦର୍ଶନ ପାଇପାରୁଛନ୍ତି। ରାମ୍ପ ହୋଇଥିବାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବାରେ ଶ୍ରଦ୍ଧାଳୁଙ୍କର ଆଉ ଅସୁବିଧା ହେଉନାହିଁ। ଭକ୍ତ ଓ ଶ୍ରଦ୍ଧାଳୁମାନେ ଲମ୍ବା ବ୍ୟାରିକେଡ଼ରେ ଅପେକ୍ଷା କରି ଶୃଙ୍ଖଳାର ସହ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଜି ହଜାର ହଜାର ଭକ୍ତ ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରିଥିଲେ। ଏଥି ସହ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାରିକେଡ଼ରେ ଛିଡା ହୋଇଥିବା ଭକ୍ତମାନଙ୍କୁ ପାଣି ବୋତଲ ବଣ୍ଟନ ସହ ପାଣି ସ୍ପ୍ରେ କରାଯାଇଥିଲା।

## ଖୋଲିଲା ହୀରାକୁଦର ୪ ଗେଟ୍

ଭୁବନେଶ୍ୱର,(ଜା.ପ୍ର): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଲଗାତାର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରବିବାର ହୀରାକୁଦ ଜଳଭଣ୍ଡାର ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବାମ ପାର୍ଶ୍ୱରେ ୩ଟି ଏବଂ ଡାହାଣ ପାର୍ଶ୍ୱରେ ଗୋଟିଏ ଗେଟ୍ ଖୋଲିଛି। ରବିବାର ଦ୍ୱିତୀୟ ପର୍ଯ୍ୟାୟ ମହାନଦୀକୁ ବନ୍ୟାଜଳ ଛଡ଼ାଯାଇଛି। ପୂର୍ବରୁ ୯ ତାରିଖରେ ହୀରାକୁଦ ଜଳଭାଣ୍ଡାର ୧୦ ଟି ଗେଟ୍ ଖୋଲାଯାଇ ମହାନଦୀକୁ ପ୍ରଥମ ବନ୍ୟା ଜଳ ଛଡ଼ାଯାଇଥିଲା। ପରେ ୧୩ ତାରିଖରେ ସମସ୍ତ ଗେଟ୍‌କୁ ପର୍ଯ୍ୟାୟ କ୍ରମେ ବନ୍ଦ କରାଯାଇଥିଲା

ହୀରାକୁଦର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ ଅଟେ। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଲଗାତାର ଭାବେ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସକାଳ ୯ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୧.୫୦ ଫୁଟ୍ କୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଉପରମୁଣ୍ଡରୁ ହାରାହାରି ୧ଲକ୍ଷ ୬୦ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୯୦ ହଜାର କ୍ୟୁସେକ ବନ୍ୟାଜଳ ନିଷ୍କାସିତ ହେଉଛି।

ଜାତୀୟ ଚେତନା
JATIYA CHETANA



### ମହାକାଶ କ୍ଷେତ୍ରରେ ଇତିହାସ ରଚିଲା ସ୍କାଏରୁଟ୍ ଏରୋସ୍ପେସ୍

# ‘ବିକ୍ରମ-୧’ର ସଫଳ ଉତ୍କ୍ଷେପଣ

ଅଯୋଧ୍ୟା, (ଏଜେନ୍ସି): ଶ୍ରୀ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ର (ଏସ୍‌ଡିଏସ୍‌ସି)ରୁ ଘରୋଇ କମ୍ପାନୀ ‘ସ୍କାଏରୁଟ୍ ଏରୋସ୍ପେସ୍’ ଦ୍ୱାରା ନିର୍ମିତ କକ୍ଷପଥ-ଶ୍ରେଣୀର ରକେଟ୍ (ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍) ‘ବିକ୍ରମ-୧’ର ସଫଳ ଉତ୍କ୍ଷେପଣ କରାଯାଇଛି। ହାଇଦ୍ରାବାଦସ୍ଥିତ ସ୍କାଏରୁଟ ଏରୋସ୍ପେସ ନାମକ ଏହି ଘରୋଇ ମହାକାଶ କମ୍ପାନୀ ବିକ୍ରମ-୧ ରକେଟ୍‌କୁ ବିକଶିତ କରିଥିବା ବେଳେ ଆଜି ଏହାର ପ୍ରଥମ କକ୍ଷପଥ ମିଶନ ପାଇଁ ଉତ୍କ୍ଷେପଣ ହୋଇଛି। ତେବେ ଏହି ମିଶନ କେବଳ ସ୍କାଏରୁଟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତର ମହାକାଶ କ୍ଷେତ୍ରରେ ଘରୋଇ ଅଂଶଗ୍ରହଣକୁ ବୃଦ୍ଧି କରିବା ଦିଗରେ ଏହା ଏକ ବିରାଟ ସଫଳତା ବୋଲି କୁହାଯାଉଛି। ଅନ୍ୟପକ୍ଷେ ଏହି ଉଲ୍ଲେଖନୀୟ ସଫଳତା ସହିତ, ଭାରତ ବିଶ୍ୱର ତୃତୀୟ ଦେଶ ହୋଇଛି ଯେଉଁଠାରେ ଏକ ଘରୋଇ କମ୍ପାନୀ ସ୍ୱାଧୀନ ଭାବରେ ଏପରି ସଫଳତା ହାସଲ କରିଛି; ଏପର୍ଯ୍ୟନ୍ତ, କେବଳ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍‌ର ଘରୋଇ କମ୍ପାନୀଗୁଡ଼ିକ ଏହି ସଫଳତା ହାସଲ କରିଥିଲେ। ଲଞ୍ଚର ଠିକ ପୂର୍ବରୁ ଆଭ୍ୟନ୍ତରୀଣ ଯାନ୍ତ୍ରିକ ସମସ୍ୟା ଯୋଗୁ ଉତକ୍ଷେପଣ କିଛି ସମୟ ବିଳମ୍ବ ହୋଇଥିଲା। ହେଲେ ଏହାପରେ ଏହାକୁ ଉତକ୍ଷେପଣ କରାଯାଇଥିଲା। ଆଭ୍ୟନ୍ତରୀଣ ସମସ୍ୟା ଓ ବିଳମ୍ବ



ସତ୍ତ୍ୱେ ବିକ୍ରମ-୧ ସମସ୍ତ ପର୍ଯ୍ୟାୟରେ ଠିକ୍ ଭାବରେ କାର୍ଯ୍ୟ କରିଛି। ଆଜିର ଏହି ସଫଳ ଉତ୍କ୍ଷେପଣକୁ ‘ଏକ ଐତିହାସିକ ଆରମ୍ଭ’ ବୋଲି ବର୍ଣ୍ଣନା କରି ନିଜର ଶୁଭକାମନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଉତ୍କ୍ଷେପଣ ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଥିଲେ। ମୋଦୀ କହିଛନ୍ତି, ଏହି ମିଶନ ଭାରତର ବ୍ୟକ୍ତିଗତ ମହାକାଶ କ୍ଷେତ୍ରର ବର୍ଦ୍ଧିତ କ୍ଷମତାକୁ ପ୍ରଦର୍ଶନ କରୁଛି। ଏହି ଚାରି-ସ୍ତରୀୟ ରକେଟଟି ଦ୍ରୁତ, ଚାହିଦା ଅନୁଯାୟୀ ପ୍ରକ୍ଷେପଣ ସେବା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ମିଶନ ଭାରତର ଯୁବପିଢ଼ିଙ୍କ ପ୍ରତିଭା, ଦୃଢ଼ ନିଷ୍ପତ୍ତି ଏବଂ ଉଦ୍ୟୋଗୀ ମନୋଭାବକୁ ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀ ପରେ ଫୋନ୍ ମାଧ୍ୟମରେ ମଧ୍ୟ ଇସ୍ରୋର ସମସ୍ତ ବୈଜ୍ଞାନିକ ତଥା ଇଞ୍ଜିନିୟରିଂ ଟିମ୍ ସହ ସ୍କାଏରୁଟ୍‌ର କର୍ମକର୍ତ୍ତାମାନଙ୍କୁ ମଧ୍ୟ ଶୁଭକାମନା ଜଣାଇଛନ୍ତି। ବିକ୍ରମ-୧ ହେଉଛି ଏକ ବହୁ-ସ୍ତରୀୟ ଲଞ୍ଚ ଭେହିକିଲ୍, ଯାହାର ପେଲୋଡ୍ କ୍ଷମତା ପ୍ରାୟ ୩୦୦-୩୫୦ କିଲୋଗ୍ରାମ ରହିଛି। ଏହା ପୃଥିବୀର ନିମ୍ନ କକ୍ଷପଥରେ ଗ୍ରହଗୁଡ଼ିକୁ ସ୍ଥାପିତ କରିବାର କ୍ଷମତା ରଖିଛି। ଏହି ରକେଟ୍‌ର ଶରୀର ସମ୍ପୂର୍ଣ୍ଣ ରୂପେ ଉନ୍ନତ କାର୍ବନ କମ୍ପୋଜିଟ୍ ସାମଗ୍ରୀରେ ତିଆରି ହୋଇଛି, ଯାହା ଏହାକୁ ଅତ୍ୟନ୍ତ ହାଲୁକା ଏବଂ ମଜବୁତ କରୁଛି। ଏତଦ୍‌ବ୍ୟତୀତ ବିକ୍ରମ-୧ ର ଉପର ସ୍ତରରେ ସ୍କାଏରୁଟ୍ ଦ୍ୱାରା ପ୍ରସ୍ତୁତ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ୩-ଡି ପ୍ରିଣ୍ଟେଡ୍ ତରଳ ଗ୍ୟାସ ଇଞ୍ଜିନ୍ ବ୍ୟବହାର କରାଯାଇଛି, ଯାହା ମହାକାଶରେ ସଠିକ୍ ଦିଗ ଓ ଗତି ନିୟନ୍ତ୍ରଣ କରିପାରେ। ବିଭିନ୍ନ ଘରୋଇ ଏବଂ ବୈଦେଶିକ ଗ୍ରାହକମାନଙ୍କର କ୍ଷୁଦ୍ର ଉପଗ୍ରହଗୁଡ଼ିକୁ ସଫଳତାର ସହ ମହାକାଶ କକ୍ଷପଥରେ ସ୍ଥାପିତ କରିବା ଆଜିର ଏହି ମିଶନର ପ୍ରମୁଖ ଉଦ୍ଦେଶ୍ୟ ରହିଥିଲା। ମୋଟାମୋଟି ଏହା କମ୍ ଖର୍ଚ୍ଚ ଏବଂ କମ୍ ସମୟ ମଧ୍ୟରେ ଉପଗ୍ରହ ଉତ୍କ୍ଷେପଣ ପାଇଁ ‘ଅନ୍-ଡିମାଣ୍ଡ’ ସେବା ଯୋଗାଇବା ଦିଗରେ ଏକ ବଡ଼ ପଦକ୍ଷେପ।

## ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ: ୮ ମୃତ: ୧୫ ଆହତ

ଅଯୋଧ୍ୟା, (ଏଜେନ୍ସି): ଅହମଦାବାଦର ବସ୍ତାଲ ଅଞ୍ଚଳରେ ଶନିବାର ଅପରାହ୍ନ ୩:୩୦ ସମୟରେ ଏକ ବାଣ କାରଖାନାରେ ବିସ୍ଫୋରଣ ହେବା ପରେ ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ୮ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁସାରେ ଦୁର୍ଘଟଣା ସମୟରେ କାରଖାନାରେ ପ୍ରାୟ ୨୫ ଜଣ କର୍ମଚାରୀ କାମ କରୁଥିଲେ। ରାମୋଲ୍‌ରୁ ଗତରାଡ୍ ଯାଉଥିବା ରାସ୍ତାରେ ମହମୁଦପୁରା ଟ୍ୟାଲେଣ୍ଟ ନିକଟରେ ଏହି ଅଘଟଣ ଘଟିଛି। ସୂଚନାଯୋଗ୍ୟ ଏହି ବାଣ କାରଖାନା ପାଖାପାଖି ଅଞ୍ଚଳରେ ହିଁ ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍)ର ଏକ କ୍ୟାମ୍ପ ରହିଥିବା ବେଳେ ବିସ୍ଫୋରଣର ଶବ୍ଦ ଶୁଣି ଯବାନମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ପ୍ରାୟ ୫ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା ଏବଂ କାରଖାନାର ସମ୍ପୂର୍ଣ୍ଣ କୋଠାଟି ହିଁ ଭୁଶୁଡ଼ି ପଡ଼ିଥିଲା। ଫଳରେ ଅନେକ କର୍ମଚାରୀ ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଯାଇଥିଲେ। ତେବେ ସୂଚନା ମିଳିବା ମାତ୍ରେ ଅଗ୍ନିଶମ ବିଭାଗ ଗାଡ଼ି ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ମଣିନଗରର ଏଲ୍.ଜି. ହସ୍ପିଟାଲ ଏବଂ ଅସରୱା ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଥିରେ କିଛି ମହିଳା ମଧ୍ୟ ସାମିଲ ଅଛନ୍ତି। କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଅନ୍ୟପକ୍ଷେ ପୁଲିସ୍ ଟିମ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ବାଣ କାରଖାନାର ଲାଇସେନ୍ସ ବହୁ ପୂର୍ବରୁ ହିଁ ବାତିଲ କରିଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ଏକ ଖୋଲା ଫାର୍ମ କିମ୍ବା ଜମି ଉପରେ ଏହି ୟୁନିଟ୍‌ଟି ବେଆଇନ ଭାବେ ଚାଲୁ ରହିଥିଲା। ପୁଲିସ୍ ଏହି କାରଖାନାର ଅପରେଟର/ମାଲିକ ମେହୁଲ ଦୋଡିଆଙ୍କ ବିରୋଧରେ ବିସ୍ଫୋରକ ଅଧିନିୟମଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଆଧାରରେ ମାମଲା ରୁଜୁ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ମୃତକଙ୍କ ପରିବାର ପାଇଁ ୨-୨ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ୍ୟ ଏହି ଦୁର୍ଘଟଣା ଉପରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହା ସହିତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ଏବଂ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଘଟଣାସ୍ଥଳରେ ଫରେନ୍‌ସିକ୍ ସାଇନ୍ସ ଲାବୋରେଟୋରୀ ଏବଂ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି।

## ଘରୁ ମିଳିଲା ୫ ମୃତଦେହ

ରାୟପୁର,(ଏଜେନ୍ସି): ଛତିଶଗଡ଼ର ରାୟପୁର ସ୍ଥିତ ସଞ୍ଜୟ ନଗର ଅଞ୍ଚଳରେ ଶନିବାର ଭୋର୍ ସମୟରେ ଗୋଟିଏ ଭଡ଼ା ଘରୁ ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କ ମୃତଦେହ ମିଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ପରିବାରର ସମସ୍ତ ସଦସ୍ୟ କୌଣସି ବିଷାକ୍ତ ଦ୍ରବ୍ୟ ସେବନ କରି ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ଯାଞ୍ଚରୁ ସନ୍ଦେହ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ଓ ଫୋରେନ୍ସିକ୍ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି। ମୃତକମାନଙ୍କୁ ପରିବାରର ମୁଖ୍ୟ ସୟଦ ସାଜିଦ ସାଜୁ (୫୦), ତାଙ୍କ ପତ୍ନୀ ରାବିଆ ବାନୋ, ସେମାନଙ୍କ ୨୦ ବର୍ଷର ପୁଅ ସୟଦ ଇରଶାଦ ଅଲି ଓ ଦୁଇ ନାବାଳିକା ଝିଅ ଶାହିନା (୧୭) ଓ ଶବା (୧୫) ଭାବେ ଚିହ୍ନଟ କରାଯାଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀ ଦଳକୁ ଡକାଇ ପ୍ରମାଣ ସଂଗ୍ରହ କରାଯିବା ସହ ଉକ୍ତ ସ୍ଥାନକୁ ସିଲ୍ କରାଯାଇଛି। ପୁଲିସ ଏବେ ଘରର ବିଭିନ୍ନ ଆସବାବପତ୍ର, ମୋବାଇଲ୍, ଦସ୍ତାବିଜ୍ ଏବଂ ସ୍ଥାନୀୟ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ପଡ଼ୋଶୀମାନଙ୍କୁ ପଚରାଉଚରା ଜାରି ରଖିଛି।ଏହି ପରିବାର ପ୍ରାୟ ୮ ମାସ ଧରି ସୟଦ ଜାହିରଙ୍କ ଘରେ ଭଡ଼ାରେ ରହୁଥିଲେ। ପଡ଼ୋଶୀଙ୍କ ଅନୁଯାୟୀ, ଗତକାଲି ସନ୍ଧ୍ୟାରୁ ଘରର ଦ୍ୱାର ଖୋଲି ନଥିଲା। ସନ୍ଦେହ ହେବାରୁ ଘରର କବାଟ ଖୋଲି ଦେଖିବାରୁ ଏକ କୋଠରୀରେ ପାଞ୍ଚ ଜଣଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏହା ପରେ ପୁଲିସକୁ ଖବର ଦେଇଥିଲେ।

### ମମତା ଓ ଉଦ୍ଧବଙ୍କୁ ଝଟ୍‌କା

# ଉଭୟ ଦଳର ସାଂସଦଙ୍କୁ ମିଶ୍ରଣ ଅନୁମତି ଦେଲେ ବାଚସ୍ପତି

ନୂଆଦିଲ୍ଲୀ, ଏଜେନ୍ସି: ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ବଡ଼ ଝଟ୍‌କା ଲାଗିଛି। ଦୁଇ ଦଳର ବିଦ୍ରୋହୀ ସାଂସଦମାନେ ଦଳ ଛାଡି ଅନ୍ୟଦଳରେ ଯୋଗଦେବା ପାଇଁ କରିଥିବା ଆବେଦନକୁ ବାଚସ୍ପତି ଓମ୍ ବିର୍ଲା ଶନିବାର ମଞ୍ଜୁରୀ ଦେଇଦେଇଛନ୍ତି। ଏଥିସହ ଏହି ବିଦ୍ରୋହୀ ସାଂସଦମାନଙ୍କ ସଂସଦୀୟ କମିଟି କିମ୍ବା ସଦନରେ ନୂଆ ଦାୟିତ୍ୱ/ସାମିଲ ପ୍ରକ୍ରିୟା ମଧ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହୋଇଯାଇଛି। ସଂସଦରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିତ୍ୱ ଏବଂ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କମିଟିଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ମଧ୍ୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ଶିବସେନା (ଉଦ୍ଧବ ଗୋଷ୍ଠୀ) ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବିଦ୍ରୋହୀ ସାଂସଦମାନଙ୍କ ନୂଆ ନିଯୁକ୍ତି ଏବଂ ସାମିଲ ପ୍ରକ୍ରିୟାକୁ ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛନ୍ତି। ସଂସଦୀୟ କାର୍ଯ୍ୟବିଧିକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ ଗଠନ କରାଯାଇଥିବା ବିଭିନ୍ନ ବିଭାଗୀୟ ସ୍ଥାୟୀ ସମିତି ଏବଂ ସଂସଦୀୟ ପ୍ୟାନେଲ୍‌ରେ ଶିବସେନା ଓ ଟିଏମ୍‌ସି ସାଂସଦମାନଙ୍କୁ ସ୍ଥାନ ଦେବା ପାଇଁ ଦଳ ପକ୍ଷରୁ ସୁପାରିଶ କରାଯାଇଥିଲା। ବାଚସ୍ପତି ସେମାନଙ୍କ ଦକ୍ଷତା ଓ ଦଳୀୟ ସଂଖ୍ୟା ଗରିଷ୍ଠତା ଆଧାରରେ ଏହି ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁସାରେ ମହାରାଷ୍ଟ୍ରର ପ୍ରମୁଖ ଆଞ୍ଚଳିକ ଦଳ ଶିବସେନା (ଉଦ୍ଧବ ଗୋଷ୍ଠୀ) ର ସାଂସଦମାନଙ୍କୁ ସଂସଦର କିଛି ଗୁରୁତ୍ୱପୂର୍ଣ୍ଣ କମିଟି, ଯେପରିକି ଗୃହ ବ୍ୟାପାର, ପ୍ରତିରକ୍ଷା କିମ୍ବା ପରିବହନ ସମ୍ପର୍କିତ କମିଟିରେ ସାମିଲ କରାଯାଇଛି। ଦଳର ସାଂସଦମାନଙ୍କ ଅଭିଜ୍ଞତାକୁ ନଜରରେ ରଖି ସେମାନଙ୍କୁ ଏହି ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନେ ଜାତୀୟ ନୀତି ନିର୍ଦ୍ଧାରଣରେ ନିଜର ମତାମତ ରଖିପାରିବେ। ସେହିପରି ତୃଣମୂଳ କଂଗ୍ରେସର ସାଂସଦମାନଙ୍କୁ ମଧ୍ୟ ବାଚସ୍ପତି କମିଟିଗୁଡ଼ିକରେ ସାମିଲ କରିଛନ୍ତି। ଆର୍ଥିକ ବ୍ୟାପାର, ବୈଦେଶିକ ବ୍ୟାପାର କିମ୍ବା ମାନବ ସମ୍ବଳ ବିକାଶ ସମ୍ପର୍କିତ କମିଟିରେ ଟିଏମସି ସାଂସଦମାନଙ୍କୁ ନିଯୁକ୍ତ କରାଯାଇଛି। ସଦନରେ ବିରୋଧୀ ଦଳର ସ୍ୱରକୁ ପ୍ରତିନିଧିତ୍ୱ କରିବାରେ ଏହି ସାଂସଦମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଏହି ସାଂସଦମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଓ ବିକାଶମୂଳକ କାର୍ଯ୍ୟକୁ କମିଟି ମାଧ୍ୟମରେ କେନ୍ଦ୍ର ସରକାରଙ୍କ ସାମ୍ନାକୁ ଆଣିବାରେ ସଫଳ ହେବେ। ବାଚସ୍ପତିଙ୍କ ଏହି ନିଷ୍ପତ୍ତି ପରେ ଉଭୟ ଦଳର ନବନିଯୁକ୍ତ ସାଂସଦମାନେ ଆଗାମୀ ସଂସଦୀୟ ଅଧିବେଶନରୁ କମିଟି ବୈଠକଗୁଡ଼ିକରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବେ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ: ଆମେରିକା ଆକ୍ରମଣରେ ଇରାନ୍‌ର ୱାଟର ପ୍ଲାଣ୍ଟ ଧ୍ୱଂସ

ୱାଶିଂଟନ୍,(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଏବେ ସମୁଦ୍ରର ଲୁଣି ପାଣିକୁ ସଫା (ମିଠା) କରୁଥିବା ଡିସାଲିନେସନ୍ ପ୍ଲାଣ୍ଟଗୁଡ଼ିକୁ ଟାର୍ଗେଟ୍ କରାଯାଉଛି। ଇରାନ ଶନିବାର ଦିନ ଦାବି କରିଛି ଯେ, ଆମେରିକା ହୋର୍ମୋଜଗାନ୍ ପ୍ରାନ୍ତରେ ବିମାନ ଆକ୍ରମଣ କରି ‘ବୋଞ୍ଜି ଡିସାଲିନେସନ୍ (ୱାଟର) ପ୍ଲାଣ୍ଟ’କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛି। ଏହି ଆକ୍ରମଣ ପରେ ୨୦ଟି ଗାଁର ପ୍ରାୟ ୧୦ ହଜାର ଲୋକଙ୍କ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ଅନ୍ୟପଟେ କୁୱେତ କହିଛି ଯେ, ଇରାନ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ତା’ର ୱାଟର ପ୍ଲାଣ୍ଟକୁ ଟାର୍ଗେଟ୍ କରିଛି। କୁୱେତରେ ପାନୀୟ ଜଳର ପ୍ରାୟ ୯୦% ଭାଗ ଲୁଣି ପାଣିକୁ ମିଠା କରିବା ପ୍ରକ୍ରିୟା (ଡିସାଲିନେସନ୍) ମାଧ୍ୟମରେ ହିଁ ମିଳିଥାଏ। କୁୱେତ ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରକ୍ରିୟାରେ ଯଦି କୌଣସି ପ୍ରକାରର ବାଧା ସୃଷ୍ଟି ହୁଏ, ତେବେ ଏହି ମରୁଭୂମି ଭରା ଛୋଟ ଦେଶରେ ଜୀବନଧାରଣ ପ୍ରତି ଏକ ବଡ଼ ବିପଦ ଦେଖାଦେବ।

## ରାମ ମନ୍ଦିର ଦାନ ଚୋରି ମାମଲାରେ ସୁପ୍ରିମକୋର୍ଟ ଗଲା ନିର୍ମୋହୀ ଆଖଡ଼ା

ନୂଆଦିଲ୍ଲୀ(ଏଜେନ୍ସି): ରାମ ଜନ୍ମଭୂମି ଦାନ ମାମଲାରେ ନିର୍ମୋହୀ ଆଖଡ଼ା ମଧ୍ୟ ସୁପ୍ରିମକୋର୍ଟକୁ ଯାଇଛି। ସୁପ୍ରିମକୋର୍ଟରେ ଦାୟର ହୋଇଥିବା ଆବେଦନରେ ନିର୍ମୋହୀ ଆଖଡ଼ା ଏକ ନୂତନ ଟ୍ରଷ୍ଟ ଗଠନ ଏବଂ ଟ୍ରଷ୍ଟରେ ପ୍ରତିନିଧିତ୍ୱ ବୃଦ୍ଧି କରିବାକୁ ଦାବି କରିଛି। ଏହା ବ୍ୟତୀତ ନିର୍ମୋହୀ ଆଖଡ଼ା ସମସ୍ତ ଟ୍ରଷ୍ଟର ଆକାଉଣ୍ଟର ଫୋରେନସିକ୍ ଅଡିଟ୍ ଏବଂ ମନ୍ଦିରର ଗର୍ଭଗୃହରେ ୧୯୫୦ ଏବଂ ୧୯୮୨ ମୂର୍ତ୍ତି ସ୍ଥାପନ କରିବାକୁ ଦାବି କରିଛି। ସୁପ୍ରିମକୋର୍ଟ ସୋମବାର ଦିନ ରାମ ଜନ୍ମଭୂମି ଦାନ ମାମଲାରେ ଦାୟର ଆବେଦନଗୁଡ଼ିକର ଶୁଣାଣି କରିବାକୁ ସ୍ଥିର କରିଛନ୍ତି। ସେହି ଦିନ ନିର୍ମୋହୀ ଆଖଡ଼ାର ଏହି ଆବେଦନ ମଧ୍ୟ ଉପସ୍ଥାପନ କରାଯାଇପାରେ। ଏହା ଉଲ୍ଲେଖ କରାଯିବା ଉଚିତ ଯେ, ନିର୍ମୋହୀ ଆଖଡ଼ା ମଧ୍ୟ ରାମ ଜନ୍ମଭୂମି ମାମଲାରେ ଏକ ପକ୍ଷ ଥିଲା। ଏହା ଦାବି କରିଥିଲା ଯେ, ଏହାର ସାଧୁମାନେ ମୂଳ ମନ୍ଦିର ଭାଙ୍ଗିବା ପୂର୍ବରୁ ପୂଜା କରିଥିଲେ। ତେଣୁ, ନୂତନ ରାମ ମନ୍ଦିରରେ ସେବାୟତ ଭାବରେ କାର୍ଯ୍ୟ କରିବାର ଅଧିକାର ରହିଛି। ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ ନିର୍ମୋହୀ ଆଖଡ଼ାର ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି, କିନ୍ତୁ ନୂତନ ଟ୍ରଷ୍ଟରେ ନିର୍ମୋହୀ ପ୍ରତିନିଧିଙ୍କୁ ସାମିଲ କରିବାକୁ ମଧ୍ୟ କହିଛନ୍ତି।

ଜାତୀୟ ଚେତନା
JATIYA CHETANA



# ଶ୍ରୀଅଙ୍ଗର ଅଳଙ୍କାର ଗଣତିମଣତି

ଭୁବନେଶ୍ୱର,(ଜା.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ହୋଇଛି। ଶ୍ରୀଅଙ୍ଗରେ ବ୍ୟବହୃତ ଓ ସ୍ନାନ ପୂର୍ଣ୍ଣିମାରେ ଓଲାଗି ଅଳଙ୍କାରର ଗଣତିମଣତି ହୋଇଛି। ଶ୍ରୀଜିଉଙ୍କ ରାହୁ ରେଖା, ସୁନା ଚିତା, ରୂପା ରସିକ ଶୁଆ ଥଣ୍ଟିଆ ଗଣତି ହୋଇଛି। ଏହି ଅଳଙ୍କାରର ଓଜନ ମାପ ସହ ଭିଡିଓ ଗ୍ରାଫି ହୋଇଛି। ଏଗୁଡିକୁ ରତ୍ନ ବିଷାରଦମାନେ ଚିହ୍ନଟ କରିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ତେବେ ରବିବାର ମହାପ୍ରଭୁଙ୍କ ୯ଟି ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଳଙ୍କାର ଗଣତି ଓ ମେଳକ କାର୍ଯ୍ୟ ୨ ଘଣ୍ଟା ୨୭ ମିନିଟ୍‌ରେ ଶେଷ ହୋଇଛି। ଏବେ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଝୋବା କଣ୍ଠୀର ଗଣତି ଓ ମେଳକ ହୋଇ ପାରିଲାନି। ଶ୍ରୀଜିଉଙ୍କ ଅଣ୍ଟା ପଟି ବା ରୂପାରସିକ ଶୁଆ ଥଣ୍ଟିଆ ତିନିଟି, ରାହୁ ରେଖା ୩ଟି ଓ ରତ୍ନ ଚିତା ତିନିଟିର ଗଣତି ଓ ମେଳକ ହୋଇଛି।ସମସ୍ତ ଅଳଙ୍କାରର ଓଜନ ମାପ ପରେ ଥ୍ରୀଡ଼ି ମ୍ୟାପିଙ୍ଗ, ଭିଡିଓଗ୍ରାଫି ସହ ରତ୍ନ ବିଶାରଦମାନଙ୍କ



ଦ୍ୱାରା ମୂଲ୍ୟବାନ ରତ୍ନ ଗୁଡିକର ଚିହ୍ନଟ କରାଯାଇଥିଲା। ଖଟ ଶେଯ ଘରେ ଏହି ମୂଲ୍ୟବାନ ଅଳଙ୍କାର ସବୁର ଗଣତି ଓ ମେଳକ କାର୍ଯ୍ୟ ହୋଇଥିଲା। ଏ ସମସ୍ତ ଅଳଙ୍କାର ଚଳନ୍ତି ଭଣ୍ଡାରର ଅଂଶ ବିଶେଷ ହୋଇଥିଲେ ହେଁ ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି କରାଯାଇ ପାରି ନଥିଲା। ରବିବାର ପୂର୍ବାହ୍ନ ୧୧ ଟା ୩୧ରୁ ଗଣତି କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୧ ଟା ୫୮ ପର୍ଯ୍ୟନ୍ତ ରତ୍ନଭଣ୍ଡାର ଗଣତି ହୋଇଥିଲା। ପ୍ରାୟ ୨ ଘଣ୍ଟା ୨୭ ମିନିଟ୍ ଗଣତି ମଧ୍ୟରେ ୯ ଟି ଯାକ ଅଳଙ୍କାରର ଗଣତି, ଓଜନ, ଭିଡିଓ ଗ୍ରାଫି, ଥ୍ରୀଡ଼ି ମ୍ୟାପିଙ୍ଗ କାର୍ଯ୍ୟ ଶେଷ ହୋଇଥିଲା। ତେବେ ରତ୍ନ ଭଣ୍ଡାର ଗଣତି କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୭୮ ଘଣ୍ଟା ୩ ମିନିଟ୍‌ର ଗଣତି କାର୍ଯ୍ୟ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏହି ଗଣତି କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ ସମ୍ପାଦନ କରାଯାଇଥିବା ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି। ତେବେ ମେ ୨୩ରୁ ରତ୍ନ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଗଣତି କାର୍ଯ୍ୟ ସ୍ଥଗିତ ଥିଲା। ଏଣୁ ଭିତର ରତ୍ନ ଭଣ୍ଡାରରେ ଗଚ୍ଛିତ ଅବଶିଷ୍ଟ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟର ତାରିଖ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇ କରାଯିବ ବୋଲି ଜଣାପଡ଼ିଛି।

## ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ

# ଯୋଗାଯୋଗ ଭିତ୍ତିଭୂମିକୁ ଦେବ ନୂଆ ରୂପ

ଭୁବନେଶ୍ୱର,(ଜା.ପ୍ର): ବଡ଼ ପରିବର୍ତ୍ତନ ଅପେକ୍ଷାରେ ଓଡ଼ିଶାର ଉପକୂଳବର୍ତ୍ତୀ କ୍ଷେତ୍ର। ନିର୍ମାଣ ହେବାକୁ ଯାଉଛି ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ। ୧୬୦.୧୮ କିମି ଲମ୍ବା ଏହି ରାଜପଥ ରାଜ୍ୟର ଉପକୂଳ ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମିକୁ ନୂଆ ରୂପ ଦେବ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ ମୋଟ୍ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ଗତିଶକ୍ତି ନୀତି ସହ ସମନ୍ୱିତ ଏହି ପ୍ରକଳ୍ପ ୯ଟି ଆର୍ଥିକ କ୍ଷେତ୍ର ଏବଂ ୫ଟି ଲଜିଷ୍ଟିକ୍ସ କ୍ଷେତ୍ରକୁ ଯୋଡ଼ିବ ଯାହା ଓଡ଼ିଶାର ଆର୍ଥିକ ନେଟୱର୍କକୁ ମଜଭୁତ କରିବ। ଏହି ରାଜପଥ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଅତିକ୍ରମ କରିବ। ଏହାଦ୍ୱାରା ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ, ଧାର୍ମିକ, ପର୍ଯ୍ୟଟନ ଏବଂ ଆର୍ଥିକ ବିକାଶ କେନ୍ଦ୍ରଗୁଡ଼ିକ ମଧ୍ୟରେ ଗମନାଗମନ ସୁଗମ ହେବ। ଦ୍ରୁତ, ସୁରକ୍ଷିତ ଏବଂ ସୁଗମ ଯାତାୟାତ ସୁବିଧା ପ୍ରଦାନ କରିବା ପାଇଁ ଉପକୂଳ ରାଜପଥର ଡିଜାଇନ୍ କରାଯାଇଛି। ଏହି ପ୍ରକଳ୍ପରେ ଖୋର୍ଦ୍ଧାର ରାମେଶ୍ୱରଠାରୁ ପୁରୀ ଜିଲ୍ଲାର କୋଣାର୍କ ପର୍ଯ୍ୟନ୍ତ ଏକ ୪-ଲେନ୍ ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରାଜପଥ ନିର୍ମାଣ କରାଯିବ। ସେହିପରି କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ଏକ ୨-ଲେନ୍ ପକ୍କା ସୋଲ୍ଡର୍ ବିଶିଷ୍ଟ ରାଜପଥ ଏଥିରେ ସାମିଲ ହୋଇଛି । ଘଣ୍ଟାପ୍ରତି ୧୦୦ କିମି ପର୍ଯ୍ୟନ୍ତ ବେଗରେ ଯାନବାହନ ଚଳାଚଳ ଲାଗି ଏହି ରାଜପଥର ଡିଜାଇନ୍ କରାଯାଇଛି । ପ୍ରକଳ୍ପ କାମ ସରିବା ପରେ ଏହି କରିଡର ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟକୁ ପ୍ରାୟ ୨ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ହ୍ରାସ କରିବ । ଏହାଦ୍ୱାରା ଯାତ୍ରୀ ଏବଂ ମାଲ ପରିବହନରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ନୂତନ ଉପକୂଳ ରାଜପଥ ଓଡ଼ିଶାର କିଛି ପ୍ରସିଦ୍ଧ ଆଧ୍ୟାତ୍ମିକ କେନ୍ଦ୍ରକୁ ସୁଗମ ସଡ଼କ ସଂଯୋଗ ଯୋଗାଇ ଦେବ । ଏହା ଧାର୍ମିକ ଓ ସାଂସ୍କୃତିକ ପର୍ଯ୍ୟଟନକୁ ବିଶେଷ ଭାବେ ପ୍ରୋତ୍ସାହିତ କରିବ। ଏହି କରିଡର ପୁରୀର ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର, ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପବିତ୍ର ରାମଚଣ୍ଡୀ ମନ୍ଦିର ମଧ୍ୟରେ ସଡ଼କ ଯୋଗାଯୋଗକୁ ସୁଦୃଢ଼ କରିବ। ଏହା ପ୍ରତିବର୍ଷ ଓଡ଼ିଶାକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ତୀର୍ଥଯାତ୍ରାକୁ ଅଧିକ ସୁବିଧାଜନକ କରିବ। ଉନ୍ନତ ସଡ଼କ ଭିତ୍ତିଭୂମି କେବଳ ଯାତ୍ରା ସମୟ ହ୍ରାସ କରିବ ନାହିଁ ବରଂ ପର୍ଯ୍ୟଟକ ଓ ଭକ୍ତଙ୍କ ପାଇଁ ସୁରକ୍ଷିତ ତଥା ଅଧିକ ଆରାମଦାୟକ ପରିବହନ ସୁବିଧା ପ୍ରଦାନ କରି ସାମଗ୍ରିକ ତୀର୍ଥଯାତ୍ରା ଅଭିଜ୍ଞତାକୁ ମଧ୍ୟ ବୃଦ୍ଧି କରିବ। ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତାବିତ ବିମାନବନ୍ଦର ଭିତ୍ତିଭୂମି ଏକ ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜଭୁତ କରିବ। ଏହା ଭାରତ ଏବଂ ବିଶ୍ୱର ପରିଦର୍ଶକମାନଙ୍କ ପାଇଁ ସହଜ ପହଞ୍ଚକୁ ସକ୍ଷମ କରିବ। ଏହି ଆଧୁନିକ ରାଜପଥ ପରିବହନ ସେବା ବ୍ୟତୀତ ଐତିହାସିକ ମନ୍ଦିର, ପରମ୍ପରା ଏବଂ ଆଧ୍ୟାତ୍ମିକ କେନ୍ଦ୍ର ସହିତ ଲୋକମାନଙ୍କୁ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନକୁ ସମର୍ଥନ କରିବ । ରାମେଶ୍ୱର-ପାରାଦୀପ କରିଡର ଏକ ନୂତନ ଉପକୂଳ ପର୍ଯ୍ୟଟନ ପ୍ରବେଶ ଦ୍ୱାର ହେବାକୁ ଯାଉଛି। ଏହା ଓଡ଼ିଶାର ପୂର୍ବ ଉପକୂଳରେ ବେଳାଭୂମି, ଐତିହ୍ୟ ସ୍ଥଳୀ, ଜୈବ ବିବିଧତା କ୍ଷେତ୍ରକୁ ଯୋଡ଼ିବା ସହିତ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସଡ଼କ ଯୋଗାଯୋଗାକୁ ସୁଗମ କରିବ। ପୁରୀ, କୋଣାର୍କ ଏବଂ ପାରାଦୀପ ମଧ୍ୟରେ ଉନ୍ନତ ସଂଯୋଗୀକରଣ ସହିତ ଏହି ସ୍ଥାନଗୁଡ଼ିକ ଗୋଟିଏ ସମନ୍ୱିତ ପର୍ଯ୍ୟଟନ ସର୍କିଟର ଅଂଶ ଭାବରେ ଉଭା ହେବେ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,(ଜା.ପ୍ର): ଶ୍ରୀ ଶ୍ରୀ ରାଧାକୃଷ୍ଣ ସେବା ସମିତି ଓ ସାଗରିକା ୱେଲଫେଆର ଟ୍ରଷ୍ଟର ମିଳିତ ସହଯୋଗରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପୁଷ୍ପ ବାଟିକା, ସେକ୍ଟର -୧୫ଠାରେ ସୁସ୍ଥ ପରିବେଶ ଓ ସୁନ୍ଦର ଭବିଷ୍ୟତ ଉଦ୍ଦେଶ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ ମୁଖ୍ୟଅତିଥି, ସ୍ୱରାଜ କୁମାର ତ୍ରିପାଠୀ, ସହାୟକ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର ବିଭାଗ, ରାଉରକେଲା ଡିଭିଜନ ଏବଂ ଶୁଭେନ୍ଦୁ ରଞ୍ଜନ ରାଉତ, ସହାୟକ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର ବିଭାଗ, ରାଉରକେଲା ଡିଭିଜନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଶ୍ରୀ ଉତ୍ତମ କୁମାର ସାମଲଙ୍କ ନେତୃତ୍ୱରେ ଜୟନ୍ତୀ ଦାସ, ଦିଲୀପ ସାହୁ, ଅନାଦି ରାଉତ, ହେମନ୍ତ ବିଶ୍ୱାଳ, ଅନନ୍ତ ସାମଲ, ଶୁକଦେବ ସାହୁ, ବୈକୁଣ୍ଠ ବେହେରା, ନିତ୍ୟାନନ୍ଦ ଜେନା, ନାରାୟଣ ସାମଲ, ସରୋଜ ବେହେରା, ରଥ ଭାଇ, ଧବଳେଶ୍ୱର ବିଶ୍ୱାଳ ଶ୍ରୀକାନ୍ତ ମହାନ୍ତି, ଅମର ପ୍ରଧାନ,ନନ୍ଦ ନନା, ବିକ୍ରମ ନନା, ବିଶ୍ୱାଳ ଭାଇ, ଅନୁ, ଗୀତା,କସ୍ତୁରୀ, ଟୁନି,ସୌଦାମିନୀ, ପରି, ମିନି ଅପା ଇତ୍ୟାଦିଙ୍କ ସହ ବହୁ ସେବାୟତ ତଥା ସ୍ଥାନୀୟ ବାସିନ୍ଦା ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମ ପୂର୍ବରୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ଗୌଡ଼ଙ୍କ ବିୟୋଗରେ ଏକ ଶୋକସଭା ସହ ତାଙ୍କ ବିଦେହୀ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଉପରାନ୍ତେ ଅନୁଷ୍ଠାନର ଉପ ସଭାପତି ତଥା ବରିଷ୍ଠ ସାମାଜିକ କର୍ମୀ ଶ୍ରୀଯୁକ୍ତ ଦିଲିପ କୁମାର ସାହୁ ସମସ୍ତଙ୍କ ଆନ୍ତରିକ ସହଯୋଗ ପାଇଁ ସାଦର ଅଭିନନ୍ଦନ ପୂର୍ବକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ୱାଙ୍ଗଚୁକଙ୍କୁ ହସ୍ପିଟାଲ୍ ସ୍ଥାନାନ୍ତର

# ସରକାରଙ୍କ ପଦକ୍ଷେପ ମନମୁଖୀ ନଥିଲା

ନୂଆଦିଲ୍ଲୀ,(ଏଜେନ୍ସି): ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରିବା ନେଇ ସରକାରଙ୍କ ନିଷ୍ପତ୍ତିକୁ ରବିବାର ସମର୍ଥନ କରିଛନ୍ତି ଦିଲ୍ଲୀ ହାଇକୋର୍ଟ। କୋର୍ଟ କହିଛନ୍ତି ଯେ ଦୀର୍ଘ ଦିନ ଧରି ଭୋକ ଉପବାସ ପରେ ତାଙ୍କର ବିଗିଡୁଥିବା ସ୍ୱାସ୍ଥ୍ୟ ଅବସ୍ଥାକୁ ଦେଖିଲେ ଏହି ପଦକ୍ଷେପକୁ ମନମୁଖୀ ବୋଲି କୁହାଯାଇପାରିବ ନାହିଁ। ଏଥିସହିତ ୱାଙ୍ଗଚୁକଙ୍କୁ ଅଟକ ରଖାଯାଇଛି କିମ୍ବା ତାଙ୍କର ଶାରୀରିକ ସ୍ୱାଧୀନତା କ୍ଷୁଣ୍ଣ କରାଯାଉଛି ବୋଲି କରାଯାଇଥିବା ଦାବିକୁ କୋର୍ଟ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି ଯେ ସେ ଜଣେ ମୁକ୍ତ ନାଗରିକ ଏବଂ ହସ୍ପିଟାଲର ଡାକ୍ତରମାନେ କେବଳ ତାଙ୍କ ସହମତିରେ ହିଁ ତାଙ୍କର ଚିକିତ୍ସା କରିଛନ୍ତି। ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରିବା ଅବସରରେ କୋର୍ଟ ଏହି ସବୁ କଥା କହିଛନ୍ତି। ସୋନମଙ୍କୁ ସଫଦରଜଙ୍ଗ ହସ୍ପିଟାଲରୁ ମେଦାନ୍ତାକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ ଗୀତାଞ୍ଜଳି। ସେ ଯୁକ୍ତି ବାଢ଼ିଥିଲେ ଯେ ସୋନମ ୱାଙ୍ଗଚୁକଙ୍କୁ ନିଜ ପସନ୍ଦର ମେଡିକାଲରେ ଚିକିତ୍ସିତ ହେବାକୁ ସୁଯୋଗ ମିଳିବା ଉଚିତ। ସରକାର, ପୁଲିସ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିବା ସହ ତିନି ଦିନ ମଧ୍ୟରେ ଷ୍ଟାଟସ ରିପୋର୍ଟ (ସ୍ଥିତି ବିବରଣୀ) ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାର ଦିନ ହେବ।ଏହି ପର୍ଯ୍ୟାୟରେ କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯାଇ ନାହିଁ। କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ସହ ସଫଦରଜଙ୍ଗ ହସ୍ପିଟାଲ ଏବଂ ଏମ୍ସର ଜରୁରୀକାଳୀନ ଚିକିତ୍ସା ବିଭାଗର ଡାକ୍ତରମାନଙ୍କ ମତାମତ ମଧ୍ୟ ନେଇଛନ୍ତି।ୱାଙ୍ଗଚୁକ ପ୍ରାୟ ୧୭-୧୮ ଦିନ ଧରି ଭୋକ ଶୋଷରେ ରହିଥିଲେ ଏବଂ ଜୁଲାଇ ୧୬ ରେ ତାଙ୍କର ଗମ୍ଭୀର ସ୍ୱାସ୍ଥ୍ୟ ଅବସ୍ଥାକୁ ବିଚାର କରି ଏକ ଡିଭିଜନ ବେଞ୍ଚ ନିର୍ଦ୍ଦେଶ ଦେଇଥିବା କଥାକୁ କୋର୍ଟ ଉଲ୍ଲେଖ କରିଥିଲେ। ସରକାର କୋର୍ଟଙ୍କୁ ଜଣାଇଥିଲେ ଯେ ୱାଙ୍ଗଚୁକଙ୍କ ବିଗିଡୁଥିବା ସ୍ୱାସ୍ଥ୍ୟ ଅବସ୍ଥା ଯୋଗୁଁ ତାଙ୍କୁ ଆନ୍ଦୋଳନ ସ୍ଥଳରୁ ସଫଦରଜଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମେଡିକାଲ ରିପୋର୍ଟ ଅନୁଯାୟୀ ତାଙ୍କ ରକ୍ତରେ ଶର୍କରା ଏବଂ ପୋଟାସିୟମ ସ୍ତର କମ୍ ଥିଲା। ବିଶେଷ କରି ପୋଟାସିୟମ ସ୍ତର ବିପଜ୍ଜନକ ଭାବେ କମ୍ ଥିବା କଥାକୁ କୋର୍ଟ ଗ୍ରହଣ କରିଛନ୍ତି।କୋର୍ଟ କହିଛନ୍ତି ଯେ ଯେହେତୁ ସରକାର କେବଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ହସ୍ପିଟାଲ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି, ତେଣୁ ଏହି କାର୍ଯ୍ୟାନୁଷ୍ଠାନକୁ ମନମୁଖୀ ବୋଲି କୁହାଯାଇପାରିବ ନାହିଁ।କୋର୍ଟ କହିଛନ୍ତି, ‘ଯେହେତୁ ସରକାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯୋଗୁଁ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି, ତେଣୁ ଏହି କୋର୍ଟ ଏହାକୁ କୌଣସି ମନମୁଖୀ କାର୍ଯ୍ୟ ବୋଲି ମନେ କରୁନାହାଁନ୍ତି।’ ଏଥିସହିତ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଏବଂ ତାହାକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି ସରକାର ଦେଇଥିବା ଦଲିଲକୁ ମଧ୍ୟ କୋର୍ଟ ସ୍ୱୀକାର କରିଛନ୍ତି।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ଯୁଦ୍ଧର ବଦଳୁଥିବା ସ୍ୱରୂପ ଏବଂ 'ନିର୍ମମ ଶିକ୍ଷକ'

ଆନ୍ତର୍ଜାତିକ ରାଜନୀତି ଏବଂ ସାମରିକ ସଂଘର୍ଷର ଇତିହାସ ସେତେବେଳେ ସବୁଠାରୁ ଅଧିକ ଜଟିଳ ମୋଡ଼ ନିଏ, ଯେତେବେଳେ ଦୁଇଟି ଶକ୍ତିଶାଳୀ ରାଷ୍ଟ୍ର ପରସ୍ପର ବିରୋଧରେ ପ୍ରତିଶୋଧର ଅସରନ୍ତି ଚକ୍ର ମଧ୍ୟକୁ ଟାଣି ହୋଇଯାଆନ୍ତି। ଗତ ଜୁନ୍ ୧୭ ତାରିଖରେ, ଇରାନ ଓ ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା 'ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଙ୍ଗ' ବା 'ଏମ.ଓ.ୟୁ.' ପରେ ବିଶ୍ୱବାସୀ ଭାବିଥିଲେ ଯେ ସମ୍ଭବତଃ ଯୁଦ୍ଧ ଆପାତତଃ ବନ୍ଦ ହୋଇଯିବ ଏବଂ ମଧ୍ୟପ୍ରାଚ୍ୟରେ ଏକ ଶାନ୍ତିର ବାତାବରଣ ଫେରିଆସିବ। ମାତ୍ର ଯେଉଁମାନେ ଏହି ଚୁକ୍ତିକୁ ନେଇ ଆଶ୍ୱସ୍ତ ହୋଇଥିଲେ, ସେମାନେ ଏବେ ଆପଣା ଧାରଣାର କ୍ଷଣସ୍ଥାୟିତ୍ୱ ନେଇ ଗଭୀର ଭାବେ ବିଚଳିତ ହେବାରେ ଲାଗିଛନ୍ତି। ଏହି ବିଚଳିତବୋଧ ଠାରୁ ଅଧିକ ବର୍ତ୍ତମାନ ଏକ ବଡ଼ ଆଶଙ୍କା ବିଶ୍ୱ ସମୁଦାୟକୁ ଗ୍ରାସ କରିଛି, କାରଣ ଆଧୁନିକ ଯୁଦ୍ଧର ପରିଣାମ ଓ ପରିସମାପ୍ତି ଘେନି କୌଣସି ପ୍ରକାରର ପୂର୍ବାନୁମାନ ଲଗାଇବା ଏଣିକି ଆଦୌ ସହଜ ମନେ ହେଉନାହିଁ। ଦୁଇ ପକ୍ଷ ମଧ୍ୟରେ ଔପଚାରିକ ରାଜିନାମା ସତ୍ତ୍ୱେ ସଂଘର୍ଷ ପୁଣି ଥରେ ପୂର୍ବ ଅପେକ୍ଷା ଅଧିକ ଭୟଙ୍କର ରୂପରେ ଆରମ୍ଭ ହୋଇଯାଇଛି। ଉଭୟ ଆମେରିକା ଓ ଇରାନ ପକ୍ଷରୁ ନିସୃତ ହେଉଥିବା ତୀବ୍ର ସ୍ୱରରେ ଧମକଚମକ, ଆକ୍ରମଣାତ୍ମକ ଆସ୍ଫାଳନ ଏବଂ ପ୍ରତିଶୋଧ ନେବାର ଚରମ କାମନା ପ୍ରମାଣ କରୁଛି ଯେ ଉଭୟ ପକ୍ଷ 'ଯେସାକୁ ତେସା'ର ଏକ ଅସରନ୍ତି ଚକ୍ରର ଶିକାର ହୋଇ ସାରିଲେଣି। ଶାନ୍ତି ପ୍ରକ୍ରିୟା ବର୍ତ୍ତମାନ କେବଳ କାଗଜପତ୍ରରେ ସୀମିତ ହୋଇ ରହିଯାଇଥିବା ବେଳେ ବାସ୍ତବ ଯୁଦ୍ଧକ୍ଷେତ୍ରର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ତେବେ, ସେ ଯାହା ହେଉ, ଏହି ସାମରିକ ମହାସଂଗ୍ରାମ, ପୃଥିବୀର ଅନ୍ୟ ସମସ୍ତ ଯୁଦ୍ଧ ଭଳି, ଏକ ନିର୍ମମ ଶିକ୍ଷକ ତୁଲ୍ୟ ସାଜିଛି। ଏହି ନିର୍ମମ ଶିକ୍ଷକ ବିଶ୍ୱକୁ ଯେଉଁ କଠୋର ତଥା ବାସ୍ତବ ଶିକ୍ଷାମାନ ଦେବାରେ ଲାଗିଛି, ତହିଁରୁ ଅନ୍ତତଃ ପାଞ୍ଚଟି ସଂପର୍କରେ ଏକ ବ୍ୟାପକ ତଥା ଗଭୀର ଆଲୋଚନା କରିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ପ୍ରାସଙ୍ଗିକତା ଅଟେ।

ଏହି ସଂଘର୍ଷରୁ ମିଳୁଥିବା ପ୍ରଥମ ଶିକ୍ଷା ହେଲା, ଅତ୍ୟାଧୁନିକ ଓ ଉନ୍ନତ ମାନର ଯୁଦ୍ଧାସ୍ତ୍ର ଏବଂ ବିଶାଳ ସାମରିକ ଆୟୋଜନ ହୁଏତ ଆଧୁନିକ ଯୁଦ୍ଧ ଜିଣିବା ସକାଶେ ସର୍ବଦା ଅପରିହାର୍ଯ୍ୟ ହୋଇ ନ ପାରେ। ଯୁଦ୍ଧର ପାରମ୍ପରିକ ସଂଜ୍ଞାକୁ ବଦଳାଇ ଡ୍ରୋନ, ରକେଟ ଓ ମିସାଇଲ୍ ନିର୍ମାଣକୁ ପ୍ରାୟତଃ ଏକ କୁଟୀର ଶିଳ୍ପରେ ପରିଣତ କରି ଦେଇଥିବା ଇରାନ, ସେହି ସବୁ ସ୍ୱଳ୍ପ ମୂଲ୍ୟର ଶସ୍ତା ଅସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ଯୋଗେ ଆମେରିକାର ଅକଳ୍ପନୀୟ ଶକ୍ତିକ୍ଷୟ ଘଟାଇବାରେ ଲାଗିଛି। ଏହି ଯୁଦ୍ଧକୁ ଅତି ନିକଟରୁ ନିରୀକ୍ଷଣ କରୁଥିବା ପର୍ଯ୍ୟବେକ୍ଷକମାନଙ୍କ ମତରେ, ଗଲା ଫେବ୍ରୁଆରି ମାସରେ ଇରାନ ଉପରେ ପ୍ରବଳ ବୋମା ମାଡ଼ରୁ ଆକ୍ରମଣ ଆରମ୍ଭ କରିଥିବା ଆମେରିକା, ଏପ୍ରିଲ ୧୮ ତାରିଖଠାରୁ ହଠାତ୍ ନିଜର ଆକାଶମାର୍ଗୀ ଆକ୍ରମଣ ବନ୍ଦ କରି ଦେଇଥିଲା। ଏହି ବଡ଼ ନିଷ୍ପତ୍ତି ପଛରେ ଏକ ପ୍ରମୁଖ କାରଣ ଥିଲା 'ଆମ୍ୟୁନିସନ' ଅର୍ଥାତ୍ 'ଗୋଳାବାରୁଦ'ର ଯୋଗାଣରେ ସଂକୋଚନ ଦେଖାଦେବା। ଅତ୍ୟନ୍ତ ଉଚ୍ଚ ମୂଲ୍ୟ ଯୁକ୍ତ ସାମରିକ ସରଂଜାମ, ଗାଇଡେଡ୍ ମିସାଇଲ ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ରର ଅବିଚାରିତ ପ୍ରୟୋଗ ସୁପରପାୱାର ଆମେରିକା ସକାଶେ ମଧ୍ୟ ଆର୍ଥିକ ତଥା ସାମରିକ ଦୃଷ୍ଟିରୁ ଏକ ବଡ଼ ଆହ୍ୱାନମୂଳକ ସ୍ଥିତି ସୃଷ୍ଟି କରିଛି। ସବୁଠାରୁ ଚାଞ୍ଚଲ୍ୟକର ବିଷୟ ହେଉଛି, ଇରାନର ସାଧାରଣ କ୍ଷେପଣାସ୍ତ୍ର ଦ୍ୱାରା ଆମେରିକାର ସର୍ବଶ୍ରେଷ୍ଠ ଏଫ-୧୫ ଲଢୁଆ ବିମାନର କ୍ଷୟ ହେବା, ଯାହା ପେଣ୍ଟାଗନ ପାଇଁ କଦାଚିତ ସ୍ୱୀକାରଯୋଗ୍ୟ ହୁଅନ୍ତା କି ? କିନ୍ତୁ ବାସ୍ତବରେ ତାହା ହିଁ ଘଟିଛି, ଯହିଁରେ ପ୍ରାୟ ୧୦୦ ମିଲିଅନ ଡଲାର ମୂଲ୍ୟର ଦୁର୍ଜେୟ ବୋଲି ଅଭିହିତ ହେଉଥିବା ଆମେରିକୀୟ ଯୁଦ୍ଧ ବିମାନ ଆକାଶ ମାର୍ଗରେ ତା'ର ଅସ୍ତିତ୍ୱ ଓ ଯଶ ଉଭୟ ହରାଇଛି। ସେହିପରି, ପୃଥିବୀର ବୃହତ୍ତମ ତଥା ଅପରାଜେୟ ନୌଶକ୍ତି ଭାବେ ପରିଚିତ ଆମେରିକାର ନୌବାହିନୀ ଦ୍ୱାରା ଇରାନୀ ନୌବାହିନୀ ପ୍ରାୟତଃ ବିଧ୍ୱସ୍ତ ହୋଇଥିଲେ ହେଁ, ଇରାନ ନିଜର ପାରମ୍ପରିକ ରଣନୀତିକୁ ବଦଳାଇ ଦେଇଛି। ସେ ବୃହତ୍ ଜାହାଜ ବଦଳରେ କ୍ଷୁଦ୍ର ବୁଡ଼ାଜାହାଜ, ଛୋଟ ଯୁଦ୍ଧ ଜାହାଜ ଏବଂ ଅତି କ୍ଷିପ୍ର ଗତିସମ୍ପନ୍ନ 'ସ୍ପିଡ୍ ବୋଟ୍' ଆଦିର ବ୍ୟବହାର କରି ବିଶ୍ୱର ସବୁଠାରୁ ସମ୍ବେଦନଶୀଳ 'ହର୍ମୁଜ ଜଳ ଡମ୍ବରୁ' (ଷ୍ଟ୍ରେଟ୍ ଅଫ୍ ହର୍ମୁଜ) ଉପରେ ତା'ର ପ୍ରଭାବ ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ରଖିପାରିଛି। ଏହାର ପରିଣାମ ସ୍ୱରୂପ, ସମଗ୍ର ଯୁଦ୍ଧ ପ୍ରକ୍ରିୟା ଉପରୁ ଇରାନର କର୍ତ୍ତୃତ୍ୱକୁ ଆମେରିକା ଚାହିଁ ମଧ୍ୟ ଅପସାରଣ କରିପାରିନାହିଁ। ଏହି ଘଟଣା ପ୍ରମାଣ କରେ ଯେ, ଯୁଦ୍ଧକ୍ଷେତ୍ରରେ ବିଶାଳତା ଅପେକ୍ଷା ସ୍ଥାନୀୟ ରଣନୀତି ଓ ଗରିଲା ଯୁଦ୍ଧ କୌଶଳ ଅଧିକ ଫଳପ୍ରଦ ହୋଇପାରେ।

ଏହି ମହାସଂଘର୍ଷରୁ ଉପଲବ୍ଧ ଦ୍ୱିତୀୟ ଶିକ୍ଷାଟି, ନିର୍ଦ୍ଦିଷ୍ଟ ଭାବେ ସମସ୍ତ ଆରବ ଦେଶ ପାଇଁ ସବୁଠାରୁ ଅଧିକ ପ୍ରଯୁଜ୍ୟ ଅଟେ। ଏହି ସେହି ଆରବ ରାଷ୍ଟ୍ରଗୁଡ଼ିକ, ଯେଉଁମାନେ ଦୀର୍ଘ ଦଶନ୍ଧି ଧରି ଆପଣା ସୁରକ୍ଷା ଭାରକୁ ଆମେରିକା ଭଳି ବାହ୍ୟ ଶକ୍ତି ଉପରେ 'ଆଉଟସୋର୍ସିଂ' କରି ଦେଇ ନିଶ୍ଚିନ୍ତ ଓ ଚିନ୍ତାଶୂନ୍ୟ ଆଳସ୍ୟରେ କାଳ ଅତିବାହିତ କରିଆସୁଥିଲେ। ସେମାନଙ୍କର ଧାରଣା ଥିଲା ଯେ ପେଟ୍ରୋ-ଡଲାର ବଳରେ ସେମାନେ ନିଜର ସୁରକ୍ଷାକୁ ସ୍ଥାୟୀ ଭାବେ କିଣି ସାରିଛନ୍ତି। ମାତ୍ର ବର୍ତ୍ତମାନ ଯେତେବେଳେ ସେମାନଙ୍କର ପଡ଼ୋଶୀ ଇରାନ ଆମେରିକୀୟ ଆକ୍ରମଣର ଶିକାର ହେଉଛି, ସେତେବେଳେ ସମସ୍ତ ଆରବ ରାଷ୍ଟ୍ର ଗମ୍ଭୀରତାର ସହ ସଚେତନ ହୋଇଛନ୍ତି ଯେ, ନିଜ ମାଟିରେ ଆମେରିକୀୟ ସାମରିକ ଘାଟି ସ୍ଥାପନକୁ ପ୍ରଶ୍ରୟ ଦେଇ ସେମାନେ କେବଳ ନିଜ ପାଇଁ ଶତ୍ରୁତା ଓ ଆକ୍ରମଣର ଭୟଙ୍କର ବିପଦକୁ ବରଣ କରିଛନ୍ତି ସତ, ଅଥଚ ସଙ୍କଟ ସମୟରେ ସେମାନଙ୍କର ସୁରକ୍ଷାର ପ୍ରତିଶ୍ରୁତି ପୂରଣ କରିବାରେ ଆମେରିକା ସମ୍ପୂର୍ଣ୍ଣ ବିଫଳ ହୋଇଛି।

# ନିୟମର ମେରୁଦଣ୍ଡ ଭାଙ୍ଗିପାରିବନି ଖେଳର ସୌନ୍ଦର୍ଯ୍ୟ

ବର୍ଷା ବାଦଲ ବେହେରା

ଖେଳ ଜଗତରେ ନିୟମର ସ୍ୱଚ୍ଛତା, ନିରପେକ୍ଷତା ଏବଂ ସମାନତା ହିଁ ତା'ର ପ୍ରକୃତ ସୌନ୍ଦର୍ଯ୍ୟ ଓ ସାର୍ବଜନୀନ ଆକର୍ଷଣର ମୂଳାଧାର। ବିଶ୍ୱର ଯେକୌଣସି ପ୍ରାନ୍ତରେ, ଯେକୌଣସି ପଡ଼ିଆରେ ଯେତେବେଳେ ଦୁଇଟି ଦଳ ପରସ୍ପରର ସାମ୍ନା କରିବାକୁ ଓହ୍ଲାନ୍ତି, ସେତେବେଳେ ସେମାନଙ୍କ ସାଙ୍ଗରେ ଥାଏ କେବଳ ସେମାନଙ୍କର ପ୍ରତିଭା, ଦୀର୍ଘ ଦିନର କଠିନ ପରିଶ୍ରମ, ରଣନୀତି ଏବଂ ନିଜ ଦେଶ ପାଇଁ କିଛି ଗୌରବ ଆଣିବାର ଆକାଂକ୍ଷା। ଏହି ସାଧନା ହିଁ କ୍ରୀଡ଼ାକୁ ମାନବ ସଭ୍ୟତାର ଏକ ଅନନ୍ୟ ଅଙ୍ଗ ଭାବେ ଗଢ଼ି ତୋଳିଛି। ମାତ୍ର ଯେତେବେଳେ କୌଣସି ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା କେବଳ ପଡ଼ିଆ ଭିତରର କୌଶଳ ଓ ସାଧୁତା ଉପରେ ନିର୍ଭର ନ କରି ପଡ଼ିଆ ବାହାରର ରାଜନୈତିକ କ୍ଷମତା, କୂଟନୈତିକ ଚାପ ଏବଂ ବାହ୍ୟ ଶକ୍ତିର ପ୍ରଭାବ ଦ୍ୱାରା ପରିଚାଳିତ ହେବାକୁ ଚେଷ୍ଟା କରେ, ସେତେବେଳେ ସମଗ୍ର କ୍ରୀଡ଼ା ଜଗତର ଭାବମୂର୍ତ୍ତି କ୍ଷତିଗ୍ରସ୍ତ ହୁଏ ଏବଂ ତା'ର ପବିତ୍ରତା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଏ। ସମ୍ପ୍ରତି ଉତ୍ତର ଆମେରିକାର ମାଟିରେ ଚାଲିଥିବା ଫୁଟ୍‌ବଲ୍ ବିଶ୍ୱକପ୍ ମହାକୁମ୍ଭରୁ ଏଭଳି ଏକ ଅଭାବନୀୟ, ନିନ୍ଦନୀୟ ଓ ଅତ୍ୟନ୍ତ ବିବାଦୀୟ ଘଟଣା ସାମ୍ନାକୁ ଆସିଛି, ଯାହା ବିଶ୍ୱର ସବୁଠାରୁ ଲୋକପ୍ରିୟ ତଥା କୋଟି କୋଟି ଜନତାଙ୍କ ହୃଦୟ ସହ ଜଡ଼ିତ ଏହି ଖେଳର ଭିତ୍ତିଭୂମି ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଆନ୍ତର୍ଜାତିକ ଟୁର୍ନାମେଣ୍ଟ ଆରମ୍ଭରୁ ହିଁ ସମଗ୍ର ବିଶ୍ୱବାସୀଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ରଖିଛି ଏବଂ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଛି। ଏହା କେବଳ ଆର୍ଜେଣ୍ଟିନା, ଫ୍ରାନ୍ସ କିମ୍ବା ବ୍ରାଜିଲ୍ ଭଳି ପୃଥିବୀର ପାରମ୍ପରିକ ଶକ୍ତିଶାଳୀ ତଥା ଛାମୁଆଁ ଫୁଟ୍‌ବଲ୍ ଦେଶଗୁଡ଼ିକର ତାରକା ଖେଳାଳିମାନଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଚର୍ଚ୍ଚାରେ ନାହିଁ, ବରଂ କେପ୍ ଭର୍ଡି କିମ୍ବା କୁରାକାଓ ଭଳି କ୍ଷୁଦ୍ରାତିକ୍ଷୁଦ୍ର, ଅନାମଧେୟ ତଥା ଦୁର୍ବଳ ମନେହେଉଥିବା ଦେଶଗୁଡ଼ିକର ସଂଘର୍ଷପୂର୍ଣ୍ଣ, ସାହସିକ ଓ ଅଭୁତପୂର୍ବ ଖେଳ ପାଇଁ ମଧ୍ୟ ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଉଦାହରଣ ସ୍ୱରୂପ, କେପ୍ ଭର୍ଡି ଭଳି ଏକ ଛୋଟ ଦେଶ ଯେତେବେଳେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ତଥା ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍ ଭଳି ଶକ୍ତିଶାଳୀ ଦଳକୁ ପଡ଼ିଆରେ କଡ଼ା ଟକ୍କର ଦେଇ ଏକ ଡ୍ର'ରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ କଲା, ତାହା ସମଗ୍ର ଫୁଟ୍‌ବଲ୍ ଜଗତରେ ଯେଉଁ ଚାଞ୍ଚଲ୍ୟ ଓ ଆଲୋଡ଼ନ ସୃଷ୍ଟି କରିଥିଲା, ତା'ର ପ୍ରଭାବ ଏବେ ମଧ୍ୟ ପ୍ରଶମିତ ହୋଇନାହିଁ। ଏହି ଐତିହାସିକ ପ୍ରଦର୍ଶନ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିଲା ଯେ ଫୁଟ୍‌ବଲ୍ ପଡ଼ିଆରେ ପୂର୍ବରୁ ଥିବା କୌଣସି ବଡ଼ ନାମ, ଆର୍ଥିକ ସମୃଦ୍ଧି କିମ୍ବା ଭୌଗୋଳିକ ଆକାରର କୌଣସି ମୂଲ୍ୟ ନାହିଁ। ସେଠାରେ ସବୁ ଦଳ ଓ ସବୁ ଖେଳାଳି ସମାନ ଏବଂ ସେହି ସୁନିର୍ଦ୍ଦିଷ୍ଟ ନିୟମଗୁଡ଼ିକ ସମସ୍ତଙ୍କ ପାଇଁ ଏକାଭଳି କାର୍ଯ୍ୟ କରିଥାଏ।

କ୍ରୀଡ଼ାର ଏହି ସାର୍ବଜନୀନ, ନିରପେକ୍ଷ ଓ ସାମ୍ୟବାଦୀ ନିୟମକୁ ଆଜକୁ ହଜାର ହଜାର ବର୍ଷ ପୂର୍ବେ ପ୍ରାଚୀନ ଗ୍ରୀକ୍‌ମାନେ 'ଆଇସୋନୋମିଆ' ବୋଲି ନାମକରଣ କରିଥିଲେ, ଯାହାର ସରଳ ଓ ଗଭୀର ଅର୍ଥ ହେଉଛି ସର୍ବସହମତ ନିୟମ ଆଗରେ ସମସ୍ତେ ସମାନ। ପୃଥିବୀରେ ସମସ୍ତ ପ୍ରକାର କ୍ରୀଡ଼ା ପ୍ରତିଯୋଗିତାର ଏନ୍ତୁଡ଼ିଶାଳ ରୂପେ ବିବେଚିତ ପ୍ରାଚୀନ ଗ୍ରୀସ୍‌ରେ ଅନୁଷ୍ଠିତ ଅଲିମ୍ପିକ୍ସ ସମୟରୁ ହିଁ ଏହି ମହତ ନୀତି ଅନୁସରଣ କରାଯାଇ ଆସୁଛି, ଯେଉଁଠାରେ ଧନୀ ଓ ପ୍ରତିପତ୍ତିଶାଳୀ ନଗର ରାଷ୍ଟ୍ର ଏବଂ ଅପେକ୍ଷାକୃତ ଗରିବ ଓ କ୍ଷୁଦ୍ର ନଗର ରାଷ୍ଟ୍ରମାନଙ୍କ ମଧ୍ୟରେ କୌଣସି ପ୍ରକାର ପାତରଅନ୍ତର କରାଯାଉ ନଥିଲା। ସେହି ଐତିହାସିକ ସମୟରୁ ହିଁ ଏହା ସ୍ୱୀକୃତ ଯେ ଖେଳପଡ଼ିଆରେ ଜଣେ ରେଫରିଙ୍କ ଦୃଷ୍ଟିରେ ସବୁ ଖେଳାଳି ସମାନ ଥାନ୍ତି ଏବଂ ସେ କୌଣସି ଖେଳାଳିର ବ୍ୟକ୍ତିଗତ ଖ୍ୟାତି, ଜାତୀୟତା, ଆର୍ଥିକ ପୃଷ୍ଠଭୂମି କିମ୍ବା ରାଜନୈତିକ ସମ୍ପର୍କ ଦ୍ୱାରା ଆଦୌ ପ୍ରଭାବିତ ନ ହୋଇ କେବଳ ନିୟମ ଅନୁସାରେ ନ୍ୟାୟ ପ୍ରଦାନ କରିଥାନ୍ତି। ପ୍ରତିଯୋଗିତାରେ ନିୟମର ଅନୁପାଳନ ନିଶ୍ଚିତ କରିବା ଏବଂ କୌଣସି ନିୟମ ଉଲ୍ଲଂଘନ ପାଇଁ ଉପଯୁକ୍ତ ଦଣ୍ଡ ବିଧାନ କରିବା ହେଉଛି ରେଫରିଙ୍କର ପରମ କର୍ତ୍ତବ୍ୟ। ମାତ୍ର ବର୍ତ୍ତମାନର ଏହି ପ୍ରତିଷ୍ଠିତ ବିଶ୍ୱକପ୍ ?ରେ ଅନ୍ୟତମ ଆୟୋଜକ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନଗ୍ନ ଓ ଅଯାଚିତ ହସ୍ତକ୍ଷେପ ଏହି ଚିରନ୍ତନ ମୌଳିକ ନିୟମକୁ ସମ୍ପୂର୍ଣ୍ଣ ରୂପେ ପାଦରେ ଦଳିଦେଇଛି। ଟ୍ରମ୍ପ ପୂର୍ବରୁ କୂଟନୀତି, ଆନ୍ତର୍ଜାତିକ ରାଜନୀତି ଓ ବିଶ୍ୱ ବାଣିଜ୍ୟ ଆଦି କ୍ଷେତ୍ରରେ ପୃଥିବୀରେ ଦୀର୍ଘ କାଳ ଧରି କାର୍ଯ୍ୟ କରି ଆସୁଥିବା ନୀତିନିୟମଭିତ୍ତିକ ବ୍ୟବସ୍ଥାର ଧ୍ୱଂସ ସାଧନ କରିବା ପରେ, ବର୍ତ୍ତମାନ ଖେଳକସରତ କ୍ଷେତ୍ରରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଛନ୍ତି। ଆମେରିକାର ଚର୍ଚ୍ଚିତ ଖେଳାଳି ଫୋଲାରିନ୍ ବାଲୋଗନ୍ ବୋସନିଆ ବିପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପ୍ରତିପକ୍ଷର ଜଣେ ଖେଳାଳିଙ୍କୁ ଅତି କଦର୍ଯ୍ୟ ଭାବେ ଫାଉଲ୍ ମାରିବା ଯୋଗୁଁ ରେଫରିଙ୍କ ଦ୍ୱାରା ତୁରନ୍ତ ରେଡ୍ କାର୍ଡ ପାଇ ପଡ଼ିଆରୁ ବାହାରିଥିଲେ। ଏହାପରେ ଭିଡିଓ ଆସିଷ୍ଟାଣ୍ଟ ରେଫରି ବା 'ଭିଏଆର' ଦ୍ୱାରା ସେହି ଘଟଣାର ସମ୍ପୂର୍ଣ୍ଣ ସମୀକ୍ଷା କରାଯାଇ ତାଙ୍କୁ ପରବର୍ତ୍ତୀ ଗୋଟିଏ ମ୍ୟାଚ୍‌ରୁ ନିଲମ୍ବିତ କରାଯାଇଥିଲା। ଏହି ନ୍ୟାୟୋଚିତ ତଥା ସ୍ୱାଭାବିକ ଦଣ୍ଡକୁ ବଦଳାଇବା ପାଇଁ ପୃଥିବୀର ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି ତଥା ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଫୁଟ୍‌ବଲ୍‌ର ସର୍ବୋଚ୍ଚ ନିୟନ୍ତ୍ରକ ସଂଗଠନ 'ଫିଫା'ର ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ସିଧାସଳଖ ଟେଲିଫୋନ୍ କରି ଏହି ନିଷ୍ପତ୍ତି ବିରୁଦ୍ଧରେ ପ୍ରତିବାଦ ଜଣାଇଥିଲେ। ଦୁଃଖର କଥା ହେଉଛି, ଆମେରିକାର ଧମକ ବା ଅନୁରୋଧ ଆଗରେ ମୁଣ୍ଡ ନୁଆଇଁ ଫିଫା କର୍ତ୍ତୃପକ୍ଷ ବାଲୋଗନ୍‌ଙ୍କ ଉପରେ ଲାଗିଥିବା ସେହି ନିଲମ୍ବନ ଆଦେଶକୁ ତତ୍‌କ୍ଷଣାତ୍ ପ୍ରତ୍ୟାହାର କରିନେଇଥିଲେ, ଯାହା ସମଗ୍ର କ୍ରୀଡ଼ା ଇତିହାସରେ ଏକ ଅତି କଳା ଓ ଲଜ୍ଜାଜନକ ଅଧ୍ୟାୟ ସଦୃଶ।

ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କର ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ଏଭଳି ଆତ୍ମସମର୍ପଣ କରିବା କିଛି ନୂଆ କଥା ନୁହେଁ କିମ୍ବା ଏହା ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ମଧ୍ୟ ସେ ଏକ ସମ୍ପୂର୍ଣ୍ଣ ଅଭାବିତ, ଅଯୌକ୍ତିକ ଓ ଆଶ୍ଚର୍ଯ୍ୟଜନକ ପଦକ୍ଷେପ ନେଇ ଡିସେମ୍ବର ୨୦୨୫ରେ ଫିଫା ତରଫରୁ ଟ୍ରମ୍ପଙ୍କୁ ଏକ ବିଶେଷ ଶାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ସେହି ସମୟରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିବାରେ ବାରମ୍ବାର ବିଫଳ ହୋଇ ଏକ ପ୍ରକାର ବ୍ୟାକୁଳ ହେଉଥିବା ଟ୍ରମ୍ପ ଏହି ପୁରସ୍କାରକୁ ସାଦରେ ଗ୍ରହଣ କରିଥିଲେ। ବାସ୍ତବରେ ଏଭଳି ଏକ ଶାନ୍ତି ପୁରସ୍କାରର କୌଣସି ଐତିହାସିକ ଭିତ୍ତି ନଥିଲା ଏବଂ ଏହା ସମ୍ପୂର୍ଣ୍ଣ ରୂପେ ଇନ୍‌ଫାଣ୍ଟିନୋଙ୍କର ନିଜସ୍ୱ ତୋଷାମଦପୂର୍ଣ୍ଣ ଉଦ୍ଭାବନ ଥିଲା। ଟ୍ରମ୍ପଙ୍କର ସେହି ପୁରୁଣା ତୋଷାମଦକାରୀ ଇନ୍‌ଫାଣ୍ଟିନୋ ବର୍ତ୍ତମାନ ପୁଣି ଥରେ ଟ୍ରମ୍ପଙ୍କ ନିର୍ଦ୍ଦେଶ ପାଳନ କରି ବାଲୋଗନ୍‌ଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେବାରେ ତେଣୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଜଣେ ଶକ୍ତିଶାଳୀ ରାଷ୍ଟ୍ରପତିଙ୍କୁ ସନ୍ତୁଷ୍ଟ ରଖିବା ପାଇଁ ଫିଫା ଭଳି ଏକ ବିଶ୍ୱସ୍ତରୀୟ ସ୍ୱାଧୀନ ସଂଗଠନ ନିଜର ଆତ୍ମସମ୍ମାନ, ନୈତିକତା ଓ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ରୂପେ ବିକ୍ରି କରିଦେଇଛି। କିନ୍ତୁ ଖେଳକୁଦ ଦୁନିଆରେ ବେଳେବେଳେ ଏପରି ଏକ ଜଟିଳ ମୁହୂର୍ତ୍ତର ଆବିର୍ଭାବ ଘଟିଥାଏ, ଯେତେବେଳେ ପଡ଼ିଆର ସ୍କୋରବୋର୍ଡରେ ପ୍ରଦର୍ଶିତ ଫଳାଫଳ ତା'ର ଗୁରୁତ୍ୱ ହରାଇ ବସିଥାଏ ଏବଂ ଯାହା ସର୍ବାଧିକ ଗୁରୁତ୍ୱ ବହନ କରିଥାଏ, ତାହା ହେଲା ସେହି ପ୍ରତିଯୋଗିତାରେ ଖେଳର ନିୟମମାନଙ୍କର ପବିତ୍ରତା ଓ ସ୍ୱଚ୍ଛତା ଅକ୍ଷୁଣ୍ଣ ରହିଛି କି ନାହିଁ। ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ନତମସ୍ତକ ହୋଇ ଫିଫା ଆମେରିକାର ଖେଳାଳି ବାଲୋଗନ୍‌ଙ୍କ ପ୍ରତି କରିଥିବା ଏହି ଅଯାଚିତ ଅନୁଗ୍ରହ ପ୍ରଦର୍ଶନ ହେଉଛି ସେଇଭଳି ଏକ କଳଙ୍କିତ ମୁହୂର୍ତ୍ତ, ଯାହା କୋଟି କୋଟି ଫୁଟ୍‌ବଲ୍ ପ୍ରେମୀଙ୍କୁ ଗଭୀର ଭାବେ ଆହତ କରିଛି।

ପୂର୍ବରୁ ଆଲୋଚନା କରାଯାଇଥିବା ଭଳି, ପ୍ରତ୍ୟେକ ଖେଳାଳି ପ୍ରତି ନିୟମ ସମାନ ଭାବରେ ଲାଗୁ ହେବା ଏବଂ କୌଣସି ପକ୍ଷପାତିତା ନ ରହିବା ହିଁ ଫୁଟ୍‌ବଲ୍‌ର ବିଶ୍ୱବ୍ୟାପୀ ଆକର୍ଷଣ ଓ ଲୋକପ୍ରିୟତାର ପ୍ରକୃତ ମୂଳାଧାର। ବିଶ୍ୱର ଗରିବରୁ ଗରିବତମ ଦେଶର ପିଲାଟିଏ ମଧ୍ୟ ଏହି ଆଶାରେ ପଡ଼ିଆକୁ ଓହ୍ଲାଇଥାଏ ଯେ, ଯଦି ତା' ପାଖରେ ପ୍ରତିଭା ଅଛି, ତେବେ ସେ ବିଶ୍ୱର ସବୁଠାରୁ ଧନୀ ଦେଶର ଖେଳାଳିକୁ ମଧ୍ୟ ପରାସ୍ତ କରିପାରିବ। ମାତ୍ର ଫିଫାର ଏହି କାର୍ଯ୍ୟ ଫୁଟ୍‌ବଲ୍‌ର ସେହି ପ୍ରତିଷ୍ଠିତ ମୂଳ ଭିତ୍ତିକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି। ଉଭୟ ଖେଳାଳି ଓ ବିଶ୍ୱର କୋଟି କୋଟି ଦର୍ଶକମାନେ ଭଲ ରୂପେ ଜାଣନ୍ତି ଯେ ପ୍ରତ୍ୟେକ ଖେଳ କେତେକ ନିର୍ଦ୍ଦିଷ୍ଟ ମନୁଷ୍ୟସୃଷ୍ଟ ନିୟମ ଦ୍ୱାରା ବନ୍ଧା ହୋଇଥାଏ। ଜଣେ ଖେଳାଳି ଯେତେବେଳେ ପଡ଼ିଆକୁ ଓହ୍ଲାଇଥାଏ, ସେ ସମ୍ପୂର୍ଣ୍ଣ ସଚେତନ ଥାଏ ଯେ ତା'ର ବ୍ୟକ୍ତିଗତ ସ୍ୱାଧୀନତା, ଏହି ନିୟମମାନଙ୍କ ଦ୍ୱାରା ସୀମିତ। ପ୍ରସିଦ୍ଧ ଦାର୍ଶନିକ ବର୍ନାର୍ଡ ସୁଟ୍‌ସଙ୍କ ଏକ ଉଲ୍ଲେଖନୀୟ ଓ ପ୍ରସିଦ୍ଧ ମନ୍ତବ୍ୟ ଅନୁସାରେ, ସ୍ୱେଚ୍ଛାରେ ଏହି ସମସ୍ତ ପ୍ରତିବନ୍ଧକ ଓ ନିୟମମାନଙ୍କୁ ସମ୍ମାନର ସହ ଗ୍ରହଣ କରିବା ହିଁ ପ୍ରକୃତ କ୍ରୀଡ଼ାକସରତର ଅସଲ ପରିଚୟ ଓ ଗୌରବ। ବାଲୋଗନ୍ ଯେତେବେଳେ ପଡ଼ିଆ ଭିତରେ ସେହି ଗୁରୁତର ଭୁଲ୍ କଲେ ଏବଂ ନିୟମର ଉଲ୍ଲଂଘନ କଲେ, ସ୍ୱାଭାବିକ ଭାବରେ ସେ ସେଥିପାଇଁ ସଂଗଠନ ଦ୍ୱାରା ଧାର୍ଯ୍ୟ ଦଣ୍ଡ ପାଇବା ଉଚିତ ଥିଲା। ତାଙ୍କ ନିଜ ଦେଶର ରାଷ୍ଟ୍ରପତିଙ୍କ ବାହ୍ୟ ହସ୍ତକ୍ଷେପ ଏବଂ ରାଜନୈତିକ ପ୍ରଭାବ ଯୋଗୁଁ ଯଦି ତାଙ୍କୁ ଏହି ଦଣ୍ଡରୁ ସହଜରେ ଅବ୍ୟାହତି ଦିଆଯାଏ, ତେବେ ତାହା ସାରା ବିଶ୍ୱରେ ସେହି ପ୍ରତିଯୋଗିତାର ନ୍ୟାୟୋଚିତ ଚରିତ୍ର ସମ୍ବନ୍ଧରେ ଏକ ଗୁରୁତର ସନ୍ଦେହ ସୃଷ୍ଟି କରିଥାଏ।

ଜାତୀୟ ଚେତନା
JATIYA CHETANA



# ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲହରୀ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ

ଭୁବନେଶ୍ୱର,(ଜା.ପ୍ର):ଓଡ଼ିଆ ଫିଲ୍ମ 'ଲହରୀ'କୁ ବଡ଼ ସମ୍ମାନ। ୭୨ତମ ଜାତୀୟ ଫିଲ୍ମ ପୁରସ୍କାର ଜିତିଛି ଲହରୀ। ଶନିବାର ଘୋଷଣା ହୋଇଥିବା ୭୨ତମ ଜାତୀୟ ଫିଲ୍ମ ପୁରସ୍କାର କାର୍ଯ୍ୟକ୍ରମରେ ଓଡ଼ିଆ ସିନେମା ବର୍ଗରେ 'ଲହରୀ' ଶ୍ରେଷ୍ଠ ଚଳଚ୍ଚିତ୍ର ମାନ୍ୟତା ପାଇଛି। ଓଡ଼ିଶାର ଗ୍ରାମୀଣ ପରିବେଶରେ ପରମ୍ପରା ଓ ଆଧୁନିକତାର ଦ୍ୱନ୍ଦ୍ୱ, ପିତା-ପୁଅ ସମ୍ପର୍କ, ବନ୍ଧୁତ୍ୱ ଓ ଜୀବନର ପରିବର୍ତ୍ତନକୁ କେନ୍ଦ୍ର କରି ଫିଲ୍ମଟି ଗତିଶୀଳ ହୋଇଥିଲା। ଏହାର ନିର୍ଦ୍ଦେଶକ ଓ ଲେଖକ ହେଉଛନ୍ତି ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ। ଫିଲ୍ମର ପ୍ରଯୋଜକ ହେଉଛନ୍ତି ଅଭିନେତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। ଫିଲ୍ମର ମୁଖ୍ୟ ଚରିତ୍ରରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ଦୀପନ୍ୱିତ ଦାସମହାପାତ୍ର, ସ୍ମୃତି ମହାଲା, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ ଓ ଜେନାବ ଦୋଏର ପ୍ରମୁଖ ଅଭିନୟ କରିଥିଲେ। 'ଲହରୀ'ର ଆଉ ଏକ ବଡ଼ ସଫଳତା ହେଉଛି ଏହା ଅନ୍ତର୍ଜାତୀୟ ମଞ୍ଚରେ ମଧ୍ୟ ଓଡ଼ିଆ ସିନେମାର ପରିଚୟ ବଢ଼ାଇଛି। ଫିଲ୍ମଟି ୨୦୨୫ ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ ମେଲବର୍ଣ୍ଣ (ଆଇଏଫଏଫଏମ) ଓ ତସବୀର ଦକ୍ଷିଣ ଏସୀୟ ଫିଲ୍ମ ଫେଷ୍ଟିଭାଲ ଭଳି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ/ଚୟନ ହୋଇଥିଲା। 'ଲହରୀ' ଏକ ଭିନ୍ନ ଧାରାର, ମୌଳିକ କାହାଣୀଭିତ୍ତିକ ଓଡ଼ିଆ ସିନେମା, ଯାହା ଓଡ଼ିଆ ଚଳଚ୍ଚିତ୍ରକୁ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ନୂଆ ପରିଚୟ ଦେଇଛି। ଏବେ ଏହାକୁ ଜାତୀୟ ଫିଲ୍ମ ପୁରସ୍କାର ମଧ୍ୟ ମିଳିଛି। ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ବାଜିମାରିଥିଲା ଓଡ଼ିଆ ସିନେମା 'ପୁଷ୍କରା'।

## ନବନିଯୁକ୍ତ ଏସ୍‌ଡିସି ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ମୋଦୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରନ୍ତୁ

ଭୁବନେଶ୍ୱର,(ଜା.ପ୍ର):'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି ଜନଜାତିଙ୍କ ବିକାଶକୁ ତ୍ୱରାନ୍ୱିତ କରନ୍ତୁ। ନିୟମିତ ଭାବେ କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝନ୍ତୁ, ସେହି ଅନୁଯାୟୀ ପଦକ୍ଷେପ ନିଅନ୍ତୁ। କାରଣ ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହିତ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡ଼ିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡ଼ି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ।' ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି)ର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଏସ୍‌ଡିସିର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହିତ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏଭଳି ପରାମର୍ଶ ଦେଇଛନ୍ତି। ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାର ୨୩ଟି ଏସଡିସିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି। କିନ୍ତୁ, ଏହି ବର୍ଗର ଲୋକମାନେ ବିକାଶଧାରା ଠାରୁ ବହୁତ ପଛରେ ଅଛନ୍ତି। ଆମ ସରକାର କ୍ଷମତାକୁ ଆସିବା ପରେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେଣୁ,




ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଞ୍ଚାଇପାରିବା ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ। ସେ କହିଥିଲେ ଆମ ଜନଜାତି ସମ୍ପ୍ରଦାୟଙ୍କ ଭାଷା, କଳା ଓ ସଂସ୍କୃତି ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର। ଜନଜାତି କଳା ଓ ସଂସ୍କୃତିର ବିବିଧତା ଆମ ଓଡ଼ିଶାର ଓ ଦେଶର ସାମଗ୍ରିକ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି ଆମେ ଆଜି ଯେତେବେଳେ ବିକାଶର ମାର୍ଗରେ ଆଗକୁ ବଢୁଛୁ, ସେତେବେଳେ ଆମର ଏହି ମହାନ ସଂସ୍କୃତିକୁ ପଛରେ ପକେଇ ହେବ ନାହିଁ। ତା'ର ସଂରକ୍ଷଣ ଓ ବିକାଶ ପାଇଁ ଆମକୁ କାମ କରିବାକୁ ପଡ଼ିବ। ସମ୍ବିଧାନର ଧାରା ୨୭୫(୧)ର ପ୍ରାବଧାନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜନଜାତି ଉନ୍ନୟନ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ, ଜନଜାତି ବିକାଶ କ୍ଷେତ୍ରରେ ଆମେ ସଫଳତା ହାସଲ କରିବା। ମୁଖ୍ୟମନ୍ତ୍ରୀ ଜନଜାତି ବିକାଶ ପାଇଁ ରାଜ୍ୟ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ସ୍କଲାରସିପରେ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ କ୍ଷୁଦ୍ର-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆଦି କର୍ମଯୋଗୀ ଅଭିଯାନ, ଧରତୀ ଆବା ଜନଭାଗିଦାରୀ ଅଭିଯାନ, ପି.ଏମ୍. ଜନ୍‌ମନ୍ ଆଦି ଯୋଜନା ଉପରେ ସୂଚନା ପ୍ରଦାନ କରିବା ସହିତ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ରାଜ୍ୟ ସରକାରଙ୍କୁ ଜନଜାତି ଉନ୍ନୟନ ଓ କଲ୍ୟାଣ ପାଇଁ ୧୮,୩୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ। ଏହି ଅର୍ଥ ଜନଜାତି କଲ୍ୟାଣ ପାଇଁ ଉପଯୋଗ କରାଯାଉଛି ବୋଲି ସେ କହିଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ବିକାଶ କିଭଳି ତଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିବ ତାକୁ ଲକ୍ଷ୍ୟ ରଖି ଏହି ପରିଷଦ ଗଠନ କରାଯାଇଛି। ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଆମର ଉନ୍ନୟନ ପରିଷଦରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ଏକ ଉତ୍ତମ ମଡେଲ। ୨୦୩୬ ଭିଜନକୁ ହାସଲ କରିବାକୁ ହେଲେ, ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ ବୋଲି ସେ କହିଥିଲେ। ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ସିଏମଓରୁ ଫାଇଲ୍ ଗାଏବ୍ ଘଟଣା: ଥାନାରେ ହାଜର ହେଲେ ପୂର୍ବତନ ଆଇଟି ସଚିବ

ଭୁବନେଶ୍ୱର,(ଜା.ପ୍ର): ସିଏମଓରୁ ଫାଇଲ୍ ଗାଏବ୍ ଘଟଣାରେ କ୍ୟାପିଟାଲ୍ ଥାନା ପୁଲିସ ଛାନଭିନ୍‌କୁ ଜୋରଦାର କରିଛି। ଏହାରି ଭିତରେ ଶନିବାର ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର ହାଜର ହୋଇ ପୁଲିସ ନିକଟରେ ଗୋଟି ଗୋଟି ତଥ୍ୟ ରଖିଛନ୍ତି। ନବୀନ ସରକାର ଅମଳରେ ସିଏମଓରୁ ଫାଇଲ୍ ଗାଏବ ମାମଲାରେ ଥାନାରେ ହାଜର ହୋଇ ସେ ସବୁ କିଛି ବଖାଣିଛନ୍ତି। ଏପରିକି ମାମଲାରେ ଚାଲିଥିବା ତଦନ୍ତରେ ପୁଲିସକୁ ସମସ୍ତ ସହଯୋଗ କରିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ମାମଲାରେ ସମନ ହୋଇଥିବା ପୂର୍ବତନ ଆଇଏଏସ ରାଜେଶ ବର୍ମାଙ୍କୁ ମଧ୍ୟ ପଚରାଉଚରା କରିପାରେ କ୍ୟାପିଟାଲ ଥାନା ପୁଲିସ। ସିଏମ୍‌ଓରୁ ୨ ଫାଇଲ ଗାଏବ ନେଇ ଆଇଏଏସ୍ ରାଜେଶ ବର୍ମା ଓ ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ରଙ୍କୁ ସମନ୍ ହୋଇଥିଲା। ପୂର୍ବ ସରକାର ସମୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ ରିପୋର୍ଟ ଗାଏବ ହୋଇଯାଇଥିଲା। ୨୦୨୪ ଜୁନ୍ ୪ରେ ଗୃହ ବିଭାଗକୁ ସିଏମ୍‌ଓରୁ ସବୁ ଫାଇଲ୍ ଫେରିଥିଲା, କିନ୍ତୁ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ତଦନ୍ତ ରିପୋର୍ଟ ଫେରିନଥିଲା। ଏ ନେଇ ବିଧିବଦ୍ଧ ଭାବେ କ୍ୟାପିଟାଲ୍ ଥାନାରେ ଏତଲାର ପରେ ଖୋଳତାଡ଼ କରୁଛି ପୁଲିସ। ଅଭିଯୋଗ ଫର୍ଦ୍ଦରେ ଯାହାର ନାମ ଅଛି ସେ ସମସ୍ତଙ୍କୁ ପୁଲିସ ଗୋଟି ଗୋଟି କରି ଜେରା କରିବ। ସିଏମଓରୁ ଫାଇଲ୍ ଗାଏବ ଘଟଣାରେ ଏତଲାକୁ ମାସେରୁ ଅଧିକ ସମୟ ବିତିଛି। ଗତ ଜୁନ୍ ୧୦ ତାରିଖରେ ଗୃହ ବିଭାଗ ଯୁଗ୍ମ ସଚିବ ଫାଇଲ୍ ଗାଏବ୍ ସଂପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଏଫଆଇଆରକୁ ନେଇ ତଦନ୍ତ ଆରମ୍ଭ ହୋଇଛି।

# ରଥଯାତ୍ରାରେ ପୁରୀରେ ରେକର୍ଡ ଭାଙ୍ଗିଲା ବର୍ଷା

ଭୁବନେଶ୍ୱର, (ଜା.ପ୍ର): ତୁ ତୁ କାଟୁଥିଲା। ୪ ଦିନ ହେଲା ପୁରୀରେ ଅବିଶ୍ରାନ୍ତ ବର୍ଷା। ରଥଯାତ୍ରାର ଦୁଇ ଦିନ ଆଗରୁ ଆରମ୍ଭ ହୋଇଥିବା ବର୍ଷା ଶନିବାର ଦିନ ୧୦ଟା ଯାଏଁ ଲାଗି ରହିଥିଲା। ପାଣିପାଗ ବିଭାଗ ତଥ୍ୟ ଅନୁସାରେ ଜୁଲାଇ ୧୪ରୁ ଶନିବାର ସକାଳ ସାଢ଼େ ୮ଟା ସୁଦ୍ଧା ପୁରୀରେ ରେକର୍ଡ ୩୪୫.୮ ମିଲିମିଟର ବର୍ଷା ହୋଇଛି। ଜୁଲାଇ ୧୪ରୁ ୧୫ ତାରିଖ ସକାଳ ସୁଦ୍ଧା ଗୋଟିଏ ଦିନରେ ସର୍ବାଧିକ ୧୪୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇପଡ଼ିଛି ସାରା ସହର। ଗତକାଲି ରାତିରେ ବଳଗଣ୍ଡି ହାଇସ୍କୁଲ ସାମ୍ନା, ମେଡିକାଲ ଛକ, ଶରଧାବାଲି ଆଦି ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ଏପରିକି ଜଗନ୍ନାଥବଲ୍ଲଭ ପାର୍କିଂ ସ୍ଥଳରେ ମଧ୍ୟ ଲହଡ଼ି ମାରୁଥିଲା ବର୍ଷା ଜଳ। ଏସବୁ ସ୍ଥାନରୁ ପାଣି ନିଷ୍କାସନ ପାଇଁ ସାରା ରାତି ଲାଗି ପଡ଼ିଥିଲେ ଅଗ୍ନିଶମ ଟିମ୍। ସହରର ୧୨ଟି ସ୍ଥାନରେ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ଲଗାଇ ବର୍ଷା ପାଣି ନିଷ୍କାସନ କରିଛନ୍ତି ଓଡ଼ିଶା ଫାୟାର୍ ସର୍ଭିସ୍ ଟିମ୍‌ର କର୍ମଚାରୀମାନେ। ରଥଯାତ୍ରାକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ଯେଭଳି ପାଣି ନ ଜମେ ସେଥିଲାଗି ଉଦ୍ୟମ ଚାଲିଥିବା କହିଛନ୍ତି ଅଗ୍ନିଶମ ବିଭାଗ ଅଧିକାରୀ।

# ଏସ୍‌ସିବି ଆଇସିୟୁ ଅଗ୍ନିକାଣ୍ଡ ଘଟଣା: ତଦନ୍ତ କମିଶନଙ୍କ ଅବଧି ପୁଣି ବଢ଼ିଲା

ଭୁବନେଶ୍ୱର,(ଜା.ପ୍ର): କଟକ ଏସ୍‌ସିବି ମେଡିକାଲ୍‌ର ଟ୍ରମା କେୟାର ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରୁଥିବା ଜଣିକିଆ କମିଶନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ପୁଣିଥରେ ବୃଦ୍ଧି କରିଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ନେଇ ଗଠିତ ତଦନ୍ତ କମିଶନଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ପୂର୍ବରୁ କମିଶନଙ୍କ ଦୁଇ ମାସ ବଢ଼ାଇଥିଲେ ସରକାର। ନୂଆ ବିଜ୍ଞପ୍ତି ଅନୁଯାୟୀ 'କମିଶନଙ୍କ ତଦନ୍ତ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ପୂର୍ବରୁ ତଦନ୍ତ ସମାପ୍ତି ପାଇଁ ୧୫ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ତଦନ୍ତ ଚାଲିଥିବାରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ଆହୁରି ଦୁଇ ମାସ ବୃଦ୍ଧି କରିଛନ୍ତି। ଏଥିପାଇଁ ୧୫ ଜୁଲାଇ ପରିବର୍ତ୍ତେ ୧୫ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ରିପୋର୍ଟ ଦାଖଲର ସମୟ ସୀମା ନିର୍ଦ୍ଧାରଣ କରାଯାଇଛି। ଓଡ଼ିଶା କମିଶନ ଅଫ ଇନକ୍ୱାରୀ ରୁଲସ-୧୯୭୯ ଓ କମିଶନ ଇନକ୍ୱାରୀ ଆକ୍ଟ ୧୯୫୨ର ପ୍ରାବଧାନ ଅନୁଯାୟୀ, ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଆର.କେ.ଶର୍ମା ଏହି ସଂଶୋଧିତ ବିଜ୍ଞପ୍ତି ଜାରି କରିଛନ୍ତି। ତଦନ୍ତ କମିଶନ ମୁଖ୍ୟତଃ ନିଆଁ ଲାଗିବାର ପ୍ରକୃତ କାରଣ ଖୋଜିବା, ସୁରକ୍ଷା ବ୍ୟବସ୍ଥାରେ ରହିଥିବା ତ୍ରୁଟି ବିଚ୍ୟୁତିର ଅନୁଧ୍ୟାନ କରିବା, ମେଡିକାଲ୍ ପରିଚାଳନାରେ କୌଣସି ଅବହେଳା ଥିଲା କି ନାହିଁ ତାହା ନିର୍ଦ୍ଧାରଣ କରିବା ଓ ଦୁର୍ଘଟଣା ସହ ଜଡ଼ିତ ସମସ୍ତ ପରିସ୍ଥିତି ଉପରେ ନିଜର ରିପୋର୍ଟ ଦେବେ ବୋଲି ସୂଚନା ମିଳିଛି। ଚଳିତ ବର୍ଷ ମାର୍ଚ୍ଚ ୧୬ ତାରିଖରେ ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା।

## ଏଏସ୍‌ଓ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

# ୧୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର(ଜା.ପ୍ର): ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍‌ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ସୁରେଶ ନାୟକ ସମେତ ୧୪ ଜଣ ଅଭିଯୁକ୍ତଙ୍କ ଜାମିନ ଆବଦେନ ହାଇକୋର୍ଟରେ ଖାରଜ ହୋଇଯାଇଛି। ଗତବର୍ଷ ଅନୁଷ୍ଠିତ ଏହି ପରୀକ୍ଷାରେ ବ୍ୟାପକ ଜାଲିଆତି ହୋଇଥିବା ଦର୍ଶାଇ ହାଇକୋର୍ଟ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବଦେନକୁ ଖାରଜ କରିଛନ୍ତି। ଏହି ଘଟଣାକୁ ନେଇ ଲାଲ୍‌ବାଗ୍ ଥାନାରେ ୨୦୨୬ ମସିହା ଜନୁୟାରୀ ୩୧ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସୁରେଶ ଚନ୍ଦ୍ର ନାୟକ ଓ ଶଙ୍କର ପୃଷ୍ଟି ମୁଖ୍ୟ ଅଭିଯୁକ୍ତ ରହିଥିଲେ। ଲାଲବାଗ୍ ପୁଲିସ୍ ଏହି ମାମଲାରେ ହିମାଂଶୁ ଖେଶର ଦାସ, ଶ୍ରୀଧର ମନ୍ତ୍ରୀ, ନିର୍ମାଲ୍ୟ କୃଷ୍ଣ ଦାସ, ଗଙ୍ଗାଧର ଜେନା, ସୁରେଶ ଚନ୍ଦ୍ର ନାୟକ, ଆଲୋକ ସାହୁ, ଓ ଶଙ୍କର ପୃଷ୍ଟି, ସପନ କୁମାର ପଣ୍ଡା, ଲୋକନାଥ ସାହୁ, ଟାରିଫ୍ ଅହମ୍ମଦ୍ ଖାନ୍, ରାମ୍‌ଜୀ ପ୍ରସାଦ ଗୁପ୍ତ ଜ୍ୟୋତିର୍ମୟୀ ସାହୁ, ସତ୍ୟବ୍ରତ ମହାନ୍ତି, ଇପିଲି ସୀତାରାମ୍, ପ୍ରମୁଖଙ୍କୁ ଗିରଫ କରିଥିଲା। ଆଜି ସମସ୍ତ ଗିରଫ ଅଭିଯୁକ୍ତମାନଙ୍କ ଜାମିନ ଆବେଦନକୁ ବିଚାରପତି ଗୌରୀ ଶଙ୍କର ଶତପଥୀ ଖାରଜ କରିଛନ୍ତି। ହାଇକୋର୍ଟରେ ଖାଲି ପଡ଼ିଥିବା ୧୪୭ଟି ଏଏସଓ ପଦବୀ ପାଇଁ ଗତବର୍ଷ ମେ' ମାସ ୧୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ପରିଚାଳନା ପାଇଁ ସୁରେଶ ନାୟକଙ୍କ ମାଲିକାନାରେ ଥିବା ସିଲିକନ ଟେକଲ୍ୟାବ ପ୍ରାଇଭେଟ ଲିମିଟେଡ ସହିତ ଚୁକ୍ତି ହୋଇଥିଲା। ଆଡ୍‌ମିଟ୍ କାର୍ଡ ଯୋଗାଇ ଦେବା ସମୟରେ ଅନେକ ତ୍ରୁଟି ପରିଲକ୍ଷିତ ହେବା ସହ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟିକୁ ଆସିଥିଲା। ଏହାକୁ ନେଇ ପରବର୍ତ୍ତୀ ସମୟରେ ସିଲିକନ ଟେକଲ୍ୟାବକୁ ତାଗିଦ କରାଯିବା ସହ ସାନି ଚୁକ୍ତି କରାଯାଇଥିଲା।

ଜାତୀୟ ଚେତନା
JATIYA CHETANA





# ଆତ୍ମୀୟତାର ସେତୁ

## ସୁଜାତା ଦାସ

ସକାଳୁ ସୌଦାମିନୀ ଖୁବ କାର୍ଯ୍ୟବ୍ୟସ୍ତ। ଘର ସଫା ସୁତୁରା କରି ସଜେଇବାକୁ ଚାକରକୁ ଲଗେଇ ଦେଇଛନ୍ତି। ଘରକୁ ସାମ୍ନାରେ ଫୁଲ କୁଣ୍ଡ କିପରି ଠିକ୍ ଭାବେ ଥୁଆଯିବ, ବଗିଚାର ଲନ୍‌କୁ କିପରି ସଜାଯିବ। ତା'କୁ ଖୁବ ଆଶ୍ଚର୍ଯ୍ୟ ଲାଗୁଛି। ଶିଳ୍ପପତି ରାମ ମୋହନ ତାଙ୍କ ଘରକୁ ଆସିବେ। ଜଣେ ସରକାରୀ ଅଫିସରଙ୍କ ଘରକୁ ଆସିବା ଏକ ବ୍ୟତିକ୍ରମ। ସେ ସହରର ଦାମୀ ହୋଟେଲରେ ସମସ୍ତ ଜିନିଷ ପାଇପାରିଥାନ୍ତେ। ସ୍ୱାମୀ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ଯେ ତାଙ୍କ ପରି ଜଣେ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ କପେ ଚା ପିଇବାକୁ ଆସିବେ। ତାଙ୍କ ପାଇଁ ଅତ୍ୟନ୍ତ ଖୁସିର କଥା। ଯାହା ହେଉ। ସେ ନିମନ୍ତ୍ରଣଟା କରି ଦେଇଥିଲେ। ରାମ ମୋହନ କହିଛନ୍ତି ସକାଳ ୮.୩୦ରେ ତାଙ୍କ ଘରେ ପହଞ୍ଚିଯିବେ। ତେବେ ତାଙ୍କର ଯେପରି କୌଣସି ଅସୁବିଧା ନ ହୁଏ, ସ୍ୱାମୀ ତାଗିଦ୍ କରିଦେଲେ। ସ୍ୱାମୀଙ୍କଠାରୁ ସୌଦାମିନୀ ରାମ ମୋହନଙ୍କ ବିଷୟରେ ଶୁଣି କିଛି ଭାବି ପାରିଲେନି। ତାଙ୍କର କିଛି ମନେ ପଡୁ ନାହିଁ। ଅତୀତର ପୃଷ୍ଠାରୁ ସେ କିଛି ପାଇଲେ ନାହିଁ। ସ୍ୱାମୀ ମଧ୍ୟ ରାମମୋହନଙ୍କୁ ଜଣେ ବିଶିଷ୍ଟ ଶିଳ୍ପପତି ଭାବେ ଜାଣନ୍ତି। ରାୟଗଡ଼ାରେ ତାଙ୍କର ଫ୍ୟାକ୍ଟ୍ରି ରହିଛି। ଏଠାରେ ମଧ୍ୟ ତାଙ୍କର ଗୋଟେ ଫ୍ୟାକ୍ଟ୍ରି ସ୍ଥାପନ ପାଇଁ ମଞ୍ଜୁରୀ ମିଳିଯାଇଛି। ୨୫ ଏକର ଜମି ପାଇଛନ୍ତି। ସରକାରଙ୍କଠାରୁ କିଛି ନିର୍ଦ୍ଦେଶାବଳୀ ଅପେକ୍ଷିତ ରହିଛି। ହୁଏତ ସେଇ ସମ୍ବନ୍ଧରେ ସେ ଏଠାକୁ ଆସିଛନ୍ତି। ଅନେକ ସମୟରେ ଏ ସଂକ୍ରାନ୍ତରେ ଅନେକ ବ୍ୟବସାୟୀ ଅନ୍ୟାନ୍ୟ ବ୍ୟକ୍ତି କଥାବାର୍ତ୍ତା କରିବାକୁ ଅଫିସକୁ ନ ଯାଇ ଘରକୁ ଆସିଥାନ୍ତି। ସ୍ୱାମୀଙ୍କ ପାଖରୁ ବିଭିନ୍ନ ପରାମର୍ଶ ନେଇଥାନ୍ତି। ସେ ବାହାର ଲୋକଙ୍କୁ ଘରକୁ ଆସିବା ପାଇଁ ପ୍ରଶ୍ରୟ ଦିଅନ୍ତି ନାହିଁ। ତାଙ୍କର ଚିନ୍ତା ହେଲା ରାମ ମୋହନ ବାବୁ ତାଙ୍କ ଘରକୁ କପେ ଚା ପାଇଁ ଆସୁଛନ୍ତି। ସୌଦାମିନୀ ପଚାରିଲେ ରାମ ମୋହନ ବାବୁଙ୍କ ସହ କିଛି କଥାବାର୍ତ୍ତା ହୋଇଛି କି? ସେ କହିଲେ ନା ସେପରି କିଛି କଥା ହୋଇନାହିଁ। ଏତିକି ଜଣାପଡ଼ିଲା। ସେ ଆଗରୁ ସମ୍ବଲପୁରରେ ରହୁଥିଲେ ଏବଂ ସେତେବେଳେ ତାଙ୍କ ଶ୍ୱଶୁର ରଙ୍ଗାଧର ସମ୍ବଲପୁରରେ କଲେକ୍ଟର ଥିଲେ। ତେବେ ଏ ସବୁ ୩୫ ବର୍ଷ ତଳର କଥା। ଆଉ ହଠାତ୍ ପଚାରିଲେ କଲେକ୍ଟର ସାହେବ କିପରି ଅଛନ୍ତି? ସେ କହିଲେ ସେ ଆଉ ଏକ ସଂସାରରେ ନାହାନ୍ତି। ଏହା ଶୁଣି ତାଙ୍କ ଚେହେରା ଫିକା ପଡ଼ିଗଲା। ସଙ୍ଗେ ସଙ୍ଗେ ସେ ପଚାରିଲେ ତାଙ୍କ ଝିଅ ବିଷୟରେ ଜାଣନ୍ତି, ସେ କହିଲେ ଝିଅ ସୌଦାମିନୀ ତାଙ୍କ ସ୍ତ୍ରୀ। ସେ ଶାଶୂଙ୍କ ବିଷୟରେ କହିଲେ ସେ ତାଙ୍କ ପାଖରେ ରହୁଛନ୍ତି। ଚା ପିଇବା ପାଇଁ ଘରକୁ ଆସିବାକୁ ସେ ନିମନ୍ତ୍ରଣ ଜଣାଇଛନ୍ତି।

ସୌଦାମିନୀ ୩୫ ବର୍ଷ ତଳେ ୭-୮ ବର୍ଷର ଝିଅଟିଏ ଥିଲେ। ଏଭଳି ନାମରେ କୌଣସି ଲୋକଙ୍କ କଥା ତାଙ୍କର ମନେ ପଡୁନାହିଁ। ମା' ଜାଣିଥିବେ ଭାବି ତାଙ୍କୁ ପଚାରିଲେ। ସେ ନାମରେ କାହାରିକୁ ଜାଣିଥିବା କଥା ସେ ମନା କଲେ, ତା ବାପାଙ୍କ ଏପରି ନାମରେ ପରିଚିତ ବ୍ୟକ୍ତିଙ୍କ କଥା ସେ ଜାଣିନାହିଁ। ତେବେ ଅଫିସରେ ସେ ଯଦି ବାପାଙ୍କଠାରୁ କୌଣସି ସାହାଯ୍ୟ ପାଇଥିବେ ସେ କଥା ସେ ଜାଣି ନାହିଁ। ତେବେ ଲୋକ ଜଣଙ୍କ ମା ଓ ତା ବିଷୟରେ କାହିଁକି ପଚାରିଲେ। ଏ ବିଷୟଟି ତାଙ୍କୁ ଖୁବ୍ ବିଚଳିତ କରିଦେଲା। ତେବେ ସ୍ୱାମୀଙ୍କ ସହ ତାଙ୍କ ଫ୍ୟାକ୍ଟ୍ରି ସ୍ଥାପନ ସମ୍ବନ୍ଧରେ କଥାବାର୍ତ୍ତା କରିବାକୁ ଆସୁଥାଇପାରନ୍ତି। ସ୍ୱାମୀ କହିଲେ ସେ ଯେଉଁଥିପାଇଁ ଆସୁଥାନ୍ତି, ତାଙ୍କ ପାଇଁ ଭଲ ଜଳଖିଆଟିଏ କରିବାକୁ ହେବ। ତାଙ୍କୁ ଭଲରେ ସ୍ୱାଗତ କରିବ। କଥା ପଡ଼ିଲା ତାଙ୍କ ପାଇଁ ଚା'ପାନର ବ୍ୟବସ୍ଥା କେଉଁ ସ୍ଥାନରେ କରାଯିବ। ଶୀତଦିନ। ତେଣୁ ବଗିଚାଟି ସକାଳେ ଉପଯୁକ୍ତ ସ୍ଥାନ ହେବ। ବଗିଚାଟିକୁ ସଫାସୁତୁରା କରି ଫୁଲକୁଣ୍ଡ ସଜାଇ, ବେତ ଚେୟାର ପକାଇ ଦେବାକୁ ମାଳିକୁ କହିଦେଲେ। ସୌଦାମିନୀ ସନ୍ଧ୍ୟା ବଜାରରୁ ଫେରିବା ବେଳକୁ ଭଲ ଦାମୀ ଟି-ସାର୍ଟ କିଣି ଆଣିଲେ। ରାମ ମୋହନ ନୂଆ ଓ ଦାମୀ ଟି-ସାର୍ଟ ଦେଖି ଖୁସି ହୋଇଯିବେ। ସକାଳେ ଠିକ୍ ସମୟରେ ରାମ ମୋହନ ବାବୁ ବିଦେଶୀ ଗାଡ଼ିରୁ ଘର ସାମନାରେ ଓହ୍ଲାଇ ପଡ଼ିଲେ। ସୌଦାମିନୀ ଓ ତାଙ୍କ ସ୍ୱାମୀ ରାମମୋହନଙ୍କୁ ନମସ୍କାର କରି ସ୍ୱାଗତ ଜଣାଇଲେ। ସୌଦାମିନୀଙ୍କ ବିଶେଷ ଉତ୍କଣ୍ଠା ଓ ବିଶିଷ୍ଟ ଶିଳ୍ପପତି ଜଣକ ମା', ବାପା ଓ ତା' ସମ୍ବନ୍ଧରେ କାହିଁକି ପଚାରିଥିଲେ। ରାମ ମୋହନ ଦାମୀ ସୁଟ ପିନ୍ଧି ଖୁବ୍ ଭଲ ଦେଖାଯାଉଥିଲେ। ମନରେ କୌଣସି ଆତ୍ମଗର୍ବ ନଥିଲା। ସୌଦାମିନୀଙ୍କୁ ତାଙ୍କୁ ଚିହ୍ନିପାରିବା କଥା ପଚାରିଲେ। ମୁହଁରେ ହସ ଥିଲା। ତାଙ୍କୁ କେବେ ସୌଦାମିନୀ ଦେଖିବା କଥା ମନେ ପଡୁନାହିଁ। ତେବେ ଆଖିରୁ ଜଣା ପଡୁଥିଲା ସେ ପରିଚିତ। ମୋତେ ଚିହ୍ନି ପାରୁନୁ ସୌଦାମିନୀ, ଜଣେ ପ୍ରତିଷ୍ଠିତ ଭଲ ସରକାରୀ ଅଫିସରଙ୍କ ସ୍ତ୍ରୀଙ୍କୁ ଏପରି ପ୍ରଶ୍ନ ଖୁବ୍ ଅପ୍ରତ୍ୟାଶିତ। ରାମମୋହନ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାରିଚାଲିଥିଲେ। ତାଙ୍କର କୌଣସି ପ୍ରଶ୍ନର ଉତ୍ତର ଦେଇ ନପାରି ସେ ମୁକ୍ତ ହୋଇଯାଇଥିଲେ। ରାମ ମୋହନ କହିଲେ - ଆଜି ତାଙ୍କର ବଡ଼ ସୌଭାଗ୍ୟ, ସମ୍ବଲପୁର ଛାଡ଼ିବା ଅନେକ ଦିନ ହୋଇଗଲାଣି। ସାହେବଙ୍କ ପାଖରୁ କଲେକ୍ଟରଙ୍କ ସମ୍ବନ୍ଧରେ ଶୁଣି ଖୁବ ଦୁଃଖ ହେଲା। ସେ ଜାଣିଲେ ମା' ସେମାନଙ୍କ ସାଙ୍ଗରେ ରହୁଛନ୍ତି। ତାଙ୍କ ହାତର ଚା କପେ ପିଇବାକୁ ଆସିଛନ୍ତି। ସୌଦାମିନୀଙ୍କ ପୁରୁଣା କଥା ମନେ ପଡ଼ିଗଲା। ସେ ୭/୮ ବର୍ଷର ଝିଅଟିଏ। ସନ୍ଧ୍ୟାରେ ସେ ଖେଳୁଥିଲା। ଚାକରଟି ଜଣେ ଗରିବ ପିଲାଟିକୁ ଗେଟ୍ ପାଖରେ ଠିଆ ନ ହେବାକୁ କହୁଥିଲା। ବାପାମା' ଚାକର ଉପରେ ବିରକ୍ତ ହୋଇଥିଲେ। ବାପା ତାଙ୍କୁ ବିଦା କରି ଦେବାକୁ କହୁଥିଲେ। ମାଆ କ'ଣ ଭାବି ପିଲାଟିକୁ ଭିତରକୁ ଡାକିବା ପାଇଁ ଚାକରକୁ କହିଲେ। ପିଲାଟି ଛିଣ୍ଡା ସାର୍ଟଟିଏ ପିନ୍ଧି ଶୀତରେ ଥରି ଥରି ଭିତରକୁ ଆସିଲା। ମା'ପଚାରିଲେ ସେ କ'ଣ କରୁଛି, ସେ କହିଲା ତାକୁ କେହି କାମଟିଏ ଦେଉନାହାନ୍ତି, ଘୂରି ବୁଲୁଛି। ବାପା କହିଲେ - କେହି କାମ ଦେଉ ନାହାନ୍ତି, ନିଜେ କିଛି କରିବାକୁ ଚେଷ୍ଟା କରୁନୁ। କହିଲା ପଇସା ନାହିଁ। ମା କ'ଣ ଭାବିଲା କେଜାଣି ପିଲାଟିକୁ ଘର ପଛକୁ ଡକାଇ ଚା' କପେ ଦେଲା। ଖରାବେଳର ଥିବା ରୁଟି ତରକାରୀ ଖାଇବାକୁ ଦେଲା। ସେତକ ଖାଇ ଖୁବ୍ ଖୁସି ହେଲା। ମା' ନିଜ ହାତରେ ଚା ତିଆରି କରି ଦେଇଥିଲେ। ସେ ମାଆଙ୍କୁ ପ୍ରଣାମ କଲା, କହିଲା ଯଦି ତା' ପାଇଁ କୌଣସି କାମ ଥାଏ, କହିଲେ ସେ କରିବ। ମାଆ କ'ଣ ଭାବି ଘରେ ପଡ଼ିଥିବା ପୁରୁଣା ଖବର କାଗଜଗୁଡ଼ିକ ନେଇ ଯାଇ ବିକି ଦେବାକୁ କହିଲେ। ପୁରୁଣା କାଗଜଗୁଡ଼ିକୁ ବସ୍ତାରେ ପୂରାଇ ନେଇ ସେ ଚାଲିଗଲା। ବାପା କହିଲେ, ରାସ୍ତାରେ ଯାଉଥିବା ଅଜଣା ପିଲାକୁ ଏପରି ବ୍ୟବହାର କରିବା ଠିକ୍ ନୁହେଁ। ମା' କହିଲେ ପିଲାଟି କାଲିଠାରୁ କିଛି ଖାଇ ନଥିଲା। ଆମକୁ ଚା ପିଇବା ଦେଖିବାରୁ ଚା କପେ ମାଗିଲା। ସେ ଚାଲିଯାଉଥିଲା। ପିଲାଟିର ଆତ୍ମସମ୍ମାନ ଖୁବ। ସେ ଡାକି କରି ତାକୁ କପେ ଚା ଦେଲେ। ତାଙ୍କୁ ଜଣା ନ ଥିଲା, ପୁରୁଣା କାଗଜ ନେଇ ସେ ପଳାଇଯିବ। ତା'ପରଦିନ ସକାଳୁ ପିଲାଟି ଆସି ପହଞ୍ଚିଗଲା ଏବଂ କହିଲା - ପାଖ ଦୋକାନୀ ରଦ୍ଦି କାଗଜ ପାଇଁ କମ୍ ପଇସା ଦେଉଥିଲା, ତେଣୁ ସେ ଦୂର ଦୋକାନକୁ ଯାଇ ବେଶି ପଇସାରେ ବିକିଲା। ରାତି ହୋଇଯିବାରୁ ସେ ଫେରି ପାରିଲା ନାହିଁ। ଆଜି ସେ ପଇସା ଦେବାକୁ ଆସିଛି। ମା' ତା'ଠାରୁ ପଇସା ନେଲେ ନାହିଁ।

*ନୟାହାଟ, ପୁରୀ*

# ସୁନାପିଲା ମୁନା

ପାଞ୍ଚ ବୟସର ପୁଅ ପିଲାଟିଏ। ନାଁ ତା'ର ମୁନା। ବାପାମା'ଙ୍କର ଭାରି ଗେଲବସରିଆ ସେ। ଦୁଷ୍ଟାମି କଲେ ବାପା ଟିକେ ଆକଟ କରନ୍ତି। କିନ୍ତୁ ମା' କିଛି କହନ୍ତି ନାହିଁ। ମୁନା ଏ ବର୍ଷ ସ୍କୁଲରେ ନା ଲେଖାଇଛି। ବାପାମା' ବଜାରକୁ ଯାଇ ତା' ପାଇଁ ଭଲ ପୋଷାକ, ଭଲ ସ୍କୁଲ ବ୍ୟାଗ, ପାଣି ବୋତଲ ଆଉ ପଢ଼ାବହି କିଣି ଆଣିଛନ୍ତି। ମୁନା ସବୁଦିନ ବାପାଙ୍କ ସାଥୀରେ ସ୍କୁଲକୁ ଯାଏ। ବାପା ଛାଡ଼ିଦେଇ ଆସନ୍ତି। ପୁଣି ସ୍କୁଲରେ ଛୁଟି ବେଳ ହେଲେ ଯାଇ ନେଇ ଆସନ୍ତି।

ରବିବାର ଛୁଟି ଦିନ। ସେ ଦିନ ବର୍ଷା ହେଉଥାଏ। ମୁନାର ବାପା ଯାଇଥାନ୍ତି ବଜାରକୁ ଘର ସଉଦା ଓ ପରିବା ଆଣିବା ପାଇଁ। ମା' ରୋଷେଇ ଘରେ କାମରେ ବ୍ୟସ୍ତ ଥାନ୍ତି। ଏହି ସୁଯୋଗରେ ମୁନାର ଟିକେ ଦୁଷ୍ଟାମି ବାହାରିଲା। ଖବରକାଗଜ ଚିରି ଡଙ୍ଗା ତିଆରି କରିବାରେ ଲାଗିଗଲା। ଦୁଇଟା କାଗଜ ଡଙ୍ଗା କରି ଚୁପି ଚୁପି ଦାଣ୍ଡକୁ ଯାଇ ପାଣି ସୁଅରେ ଓଦା ହୋଇ ଡଙ୍ଗା ଭସାଉଥାଏ। ମୁଣ୍ଡ ଜୁଡୁବୁଡୁ ଓଦା। ଦୂରରୁ ଦେଖିଲା ବାପା ଛତା ଧରି ପରିବା ବ୍ୟାଗ ନେଇ ଆସୁଛନ୍ତି। ଡଙ୍ଗାକୁ ପାଣିରେ ଭସାଇ ଦେଇ ଘରକୁ ଦଉଡ଼ିକି ପଳାଇ ଆସି ମା' ପାଖରେ ହାଜର। ମା' କାନିରେ ମୁଣ୍ଡ ଦେହ ପୋଛିଲା। ତା'କୁ ମା' ପଚାରିଲେ - କିରେ ମୁନା ତୋ ଦେହ କାହିଁକି ଓଦା ହୋଇଛି। ମୁନା କହିଲା - ମୁଁ କାଗଜ ଡଙ୍ଗା ଭସାଉଥିଲି। ବାପା ଆସୁଛନ୍ତି ଦେଖି ପଳାଇଆସିଲି। ମା'ଙ୍କୁ ଗେଲ କରି କହିଲା - ମା', ବାପା ପଚାରିଲେ ତୁମେ କହିବ, ମୁନା ତ ସେ ଘରେ ବସି ପାଠ ପଢୁଛି। କହିବା ନା, ମୋତେ ବାପାଙ୍କଠାରୁ ଗାଳି ଶୁଣାଇବ। ମା' ହସି ଦେଇ କହିଲେ ମୁଁ କହିବି ନାହିଁ। ବାପା ଘରେ ପହଞ୍ଚି ମୁନା ମା'ଙ୍କୁ ପଚାରିଲେ, ମୁନା କାହିଁ। ପାଠଶାଠ ନାହିଁ ଓଦା ହୋଇ ଡଙ୍ଗା ଭସାଉଛି। ମା' ନଜାଣିଲା ପରି କହିଲେ - କ'ଣ କହିଲା ମୁନା ଡଙ୍ଗା ଭସାଉଛି। ସେ ତ ଘରେ ବଡ଼ ପାଟିରେ ବହି ପଢୁଛି। ତୁମେ ଆଉ କାହାକୁ ଦେଖିଥିବ। ବାପା ଚାଲିଗଲେ ମୁନା ପାଖକୁ। ଦେଖିଲା ବେଳକୁ ମୁନା ବହିଟିକୁ ଓଲଟା କରି ମେଲା କରି ଥୋଇଛି। ବାପା ବୁଝିଗଲେ ମା'ପୁଅଙ୍କ କାରସାଦି। କିଛି କହିଲେ ନାହିଁ। ଖାଇ ବସିବାବେଳେ କହିଲେ - ଶିବ ପୁରାଣରେ ଗୋଟିଏ ଗପ ଅଛି। ବାପାମା'ଙ୍କ ଆଗରେ ଯେଉଁ ପିଲା ମିଛି କହେ ତା'କୁ ମହାଦେବଙ୍କ ଷଣ୍ଢ ମୁନିଆ ଶିଙ୍ଗରେ ଭୁସିଦିଏ। ମୁନା ଖାଉଥାଏ, ଆଉ ଶୁଣୁଥାଏ। ମା' ଟିକେ ମୁରୁକି ମୁରୁକି ହସୁଥାନ୍ତି। ମୁନା ଖାଇ ସାରି ହାତ ଧୋଇଲା।

*ଶଙ୍କର ସାହୁ*, ଆନନ୍ଦ ବିହାର, ଭୁବନେଶ୍ୱର

# ଲାଗନ୍ତା କି ଡୋରି



ଲାଗନ୍ତା କି ଡୋରି ଯାଆନ୍ତି ମୁଁ ପୁରୀ
ଦେଖନ୍ତି ତୋ ରଥ ଯାତ
ରଥରେ ଦେଖନ୍ତି ଚତୁର୍ଦ୍ଧା ମୂରତି
ଭାବେ କରି ପ୍ରଣିପାତ ।
ପୁଣ୍ୟ ମୁଁ ଲଭନ୍ତି ତୋ ଦର୍ଶନ ପାଇ
ପାଆନ୍ତି ଅସୀମ ସୁଖ
ପୁନଃ ଜନ୍ମ ମୋର ଲୋଡ଼ା ନାହିଁ ପ୍ରଭୁ
ଆଶା କରିଥାଏ ମୋକ୍ଷ ।
ଦର୍ଶନ କରନ୍ତି ପହଣ୍ଡି ବିଜୟ
ଆଡ଼ପ ମଣ୍ଡପେ ଯାଇ
ଦେହ ମନ ଆତ୍ମା ପୂଣ୍ୟ ମୋ ଲଭନ୍ତା
ଚକାଆଖି ଦେଖି ଦେଇ ।
ବଡ ଦଣ୍ଡେ ତୋର ନାଚି ବୁଲାନ୍ତିରେ
ତୋ ପ୍ରେମରେ ବନ୍ଧା ହୋଇ
ପ୍ରାଣ ପକ୍ଷୀ ମୋର ଉଡ଼ି ଯାଆନ୍ତି କି
ଜୟ ଜଗନ୍ନାଥ ଗାଇ।

**ସ୍ମିତାଲି ବେହେରା**
ଝାଡବନ୍ଧ, ଢେଙ୍କାନାଳ
ମୋ - ୯୮୬୧୧୯୧୩୦୯

# ଅଧର ପଣା ନୀତି



ଆଷାଢ଼ ଶୁକଳ ଦ୍ୱାଦଶୀ ତିଥିରେ
ଅନୁଷ୍ଠିତ ହୁଏ ଅଧର ପଣା,
ରଥପରେ ସ୍ଥିତ ନବ ଗୋଟି ହାଣ୍ଡି
ମୁଖ୍ୟ ନୀତି ଭାବେ ହୁଅଇ ଗଣା।
ପ୍ରତି ବିଗ୍ରହଙ୍କୁ ତିନି ମାଟି ତୁମ୍ବା
ଭୋଗ ପରେ ଭଙ୍ଗା ହୁଅଇ ଏହା,
ପାର୍ଶ୍ୱ ଦେବଦେବୀ ଚାମଣ୍ଡା ଓ ଚଣ୍ଡୀ
ଅଶରୀରି ପାନ କରନ୍ତି ତାହା।
ମଧ୍ୟାହ୍ନ ର ଧୂପ ଶେଷ ହେବାପରେ
ସନ୍ଧ୍ୟା ଆଳତି ପୂର୍ବରୁ ହୁଏ,
ଅଧର ଉଚ୍ଚର ପଣା ହାଣ୍ଡି ଦାନ
ଦେଖିଲେ ପାତକ ଦୂରେଇ ଯାଏ।
ଛେନା,କ୍ଷୀର,ସର, କଦଳୀ, କର୍ପୁର
ଗୋଲ ମରିଚ କୁ ଶର୍କରା ମିଶେ,
ଯାଇ ଫଳ ଗୁଣ୍ଡ ସ୍ୱତନ୍ତ୍ର ଜଳରେ
ତିଆରି ଏ ପଣା ସୁନ୍ଦର ବାସେ।
ରାଘବ ଦାସ ଓ ଓଡିଆ ମଠର
ଏ ଅଧର ପଣା ସ୍ୱତନ୍ତ୍ର ସେବା,
ସୁନାବେଶ ପରେ ଏହି ନୀତି ଦେଖି
ଆସ ଭକ୍ତ ଗଣ ସନ୍ତୋଷ ହେବା।
ଠାକୁରଙ୍କ ନେତ୍ର ପାଇଁ ନେତ୍ରୋତ୍ସବ
ଓଷ୍ଠ ପାଇଁ ହୁଏ ଏପରି ନୀତି,
ପତିତ ଉଦ୍ଧାର ପାଇଁ ରଥ ଯାତ
ଜଗତ ଯାକରେ ରହିଚି ଖ୍ୟାତି।

**କବିଜ୍ୟୋତି ନିରଞ୍ଜନ ପତି**
ବାଇଁଶିଆ, ମହିମା ଗାଦି, ଢେଙ୍କାନାଳ
ମୋ- ୯୯୩୮୧୩୩୫୫୯

# ଜୀବନ



ଜୀବନକୁ ବୁଝ ତିନୋଟି ଜାଗାରେ
ପ୍ରଥମରେ ମେଡିକାଲ
ସ୍ୱାସ୍ଥ୍ୟ ହିଁ ସୁନ୍ଦର ବୁଝାଏ ଜୀବନେ
ଆଉ କିଛି ନାହିଁ ଭଲ।
ସଂସାରଟା ଖାଲି ପରାଧୀନତାର
ଲାଗିଛି ଶିକୁଳି ବେଡି
ଦ୍ୱିତୀୟରେ ଜେଲେ ମିଳେ ସ୍ୱାଧୀନତା
ମନ ପ୍ରାଣ ଦିଏ ମୋଡ଼ି।
ତୃତୀୟେ ମସାଣି ବୁଝିବାକୁ ହେବ
ଜୀବନଟା କିଛି ନାହିଁ
ହସ ଖେଳ କରି ଜୀବନ ବିତାଅ
ଭାଇଚାରା ଭୁଲ ନାହିଁ।

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ଼।
ମୋ: ୯୯୩୮୦୯୯୪୯୬

# ବିରହି

ଗୋଧୂଳିରେ ସେଦିନ ସୁନାରି
ସୁନା ତରଳାଉ ଥିବାବେଳେ
ମୃଦୁ ମଳୟର ଶୀତଳ ସ୍ପର୍ଶ ତୁମ
ଦେହରେ ବି ବାଜିଥିଲା ଆଉ
ମୋ ଦେହରେ ବି
କଫି ପିଆଲାରେ ତୁମ
ଗୋଲାପି ଓଠର ସ୍ପର୍ଶ
ବାରମ୍ବାର ମତୁଆଲା କରୁଥିଲା।

**ଜ୍ୟୋତିର୍ମୟୀ ଓଝା**
ସିଡିଏ, କଟକ

ଜାତୀୟ ଚେତନା
JATIYA CHETANA



## ରୋହିତ ଶର୍ମାଙ୍କ ଶତକ, ଗିଲ୍-କୋହଲିଙ୍କ ଅର୍ଦ୍ଧଶତକ ବେକାର

# ଲର୍ଡ୍ସ ଦିନିକିଆ ହାରିଲା ଭାରତ



ଲଣ୍ଡନ,(ଏଜେନ୍ସି): ଲର୍ଡ୍ସରେ ଖେଳାଯାଇଥିବା ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚ୍‌ରେ ଇଂଲଣ୍ଡ ୨୭ ରନ୍‌ରେ ଭାରତକୁ ହରାଇ ତିନି ମ୍ୟାଚ୍‌ର ସିରିଜ୍ ୨-୧ରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ ନେଇ ଇଂଲଣ୍ଡ ୩ ୱିକେଟ୍‌ରେ ୩୮୭ ରନ୍‌ର ବିଶାଳ ସ୍କୋର୍ କରିଥିବା ବେଳେ ଭାରତ ୭ ୱିକେଟ୍ ହରାଇ ୩୬୦ ରନ୍ କରିବାକୁ ସମର୍ଥ ହୋଇଥିଲା।

ରନ୍ ଚେଜ୍‌ରେ ରୋହିତ ଶର୍ମା ଓ କ୍ୟାପଟେନ୍ ଶୁଭମନ ଗିଲ୍ ଭାରତକୁ ଉନ୍ନତ ଆରମ୍ଭ ଦେଇ ୧୪୭ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ଗିଲ୍ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୪ ବଲ୍‌ରେ ୭୭ ରନ୍ କରିଥିବା ବେଳେ ଆଦିଲ୍ ରଶିଦ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହା ଗିଲ୍‌ଙ୍କ ଦିନିକିଆ କ୍ୟାରିୟର୍‌ର ୨୦ଶ ଅର୍ଦ୍ଧଶତକ ଥିଲା। ଏହାପରେ ରୋହିତଙ୍କ ସହ ବିରାଟ କୋହଲି ଇନିଂସ୍ ସମ୍ଭାଳିଥିଲେ। ରୋହିତ ୮୪ ବଲ୍‌ରେ ୧୧ ଚୌକା ଓ ୩ ଛକା ସହାୟତାରେ ଶତକ ହାସଲ କରିଥିଲେ। ଏହା ସହିତ ଲର୍ଡ୍ସରେ ଶତକ ହାସଲ କରିବାରେ ରୋହିତ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ହୋଇଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟର୍‌ର ୩୪ତମ ଶତକ ଥିଲା। ତେବେ ୧୧୦ ବଲ୍‌ରେ ୧୭ ଚୌକା ଓ ୫ ଛକା ବଳରେ ୧୩୮ ରନ୍ କରି ଜ୍ୟାକବ୍ ବେଥେଲ୍‌ଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ରୋହିତ ଓ କୋହଲିଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୧୧୩ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହାପରେ ଈଶାନ୍ କିଶନ୍ (୧୪ ରନ୍) ଓ ଶ୍ରେୟସ୍ ଆୟର୍ (୦) ସାମ୍ କରନ୍‌ଙ୍କ ୪୪ତମ ଓଭର୍‌ରେ ଆଉଟ୍ ହୋଇଥିଲେ। ସାମ କରନ୍ ନିଜ ପରବର୍ତ୍ତୀ ଓଭର୍‌ରେ କୋହଲିଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। କୋହଲି ୬୦ ବଲ୍‌ରେ ୪ ଚୌକା ଓ ୩ ଛକା ସହାୟତାରେ ୭୪ ରନ୍ କରିଥିଲେ। କୋହଲିଙ୍କ ଆଉଟ୍ ପରେ କେଏଲ୍ ରାହୁଲ (୧୨)ଙ୍କୁ ଜୋଫ୍ରା ଆର୍ଚର୍ ଏବଂ ଅକ୍ଷର ପଟେଲ୍ (୨)ଙ୍କୁ ସାମ୍ କରନ୍ ଆଉଟ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ସାମ୍ କରନ୍ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ।

ଏହା ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ଇଂଲଣ୍ଡ ୩ ୱିକେଟ୍ ହରାଇ ୩୮୭ ରନ୍ କରିଥିଲେ, ଯାହା ଲର୍ଡ୍ସ ଗ୍ରାଉଣ୍ଡ୍‌ରେ ସର୍ବୋଚ୍ଚ ଦିନିକିଆ ସ୍କୋର୍। ବେନ୍ ଡକେଟ୍ ଓ ଜ୍ୟାକବ୍ ବେଥେଲ୍ ପ୍ରଥମ ୱିକେଟ୍ ପାଇଁ ଐତିହାସିକ ୧୯୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ଭାରତ ବିପକ୍ଷ ଦିନିକିଆରେ ଇଂଲଣ୍ଡର ସବୁଠୁ ବଡ଼ ଓପ୍ନିଂ ପାର୍ଟନରଶିପ୍‌ର ନୂଆ ରେକର୍ଡ। ବେନ୍ ଡକେଟ୍ ୧୩୫ ବଲ୍‌ରେ ୧୮ ଚୌକା ଓ ଗୋଟିଏ ଛକା ସହାୟତାରେ ୧୪୧ ରନ୍‌ର ଶତକୀୟ ଇନିଂସ୍ ଖେଳିଥିଲେ। ତାଙ୍କୁ ପ୍ରିନ୍ସ ଯାଦବ କଟ୍ ଆଉଣ୍ଡ୍ ବୋଲ୍ଡ କରିଥିଲେ। ବେଥେଲ୍ ୯୩ ବଲ୍‌ରେ ୧୧ ଚୌକା ଓ ଦୁଇ ଛକା ସହାୟତାରେ ୯୧ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ହ୍ୟାରୀ ବ୍ରୁକ୍ ୧୪ ରନ୍ କରି ପ୍ରସିଦ୍ଧଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ଜୋ ରୁଟ୍ ଓ ଜୋସ୍ ବଟ୍‌ଲର୍ ଶେଷ ଆଡ଼କୁ ୧୯ ବଲ୍‌ରେ ବିସ୍ଫୋରକ ୬୩ ରନ୍‌ର ଅପରାଜିତ ପାର୍ଟନରଶିପ୍ କରି ସ୍କୋର୍ ୩୮୭ ରନ୍‌ରେ ପହଞ୍ଚାଇଥିଲେ। ରୁଟ୍ ୪୮ ବଲ୍‌ରେ ୯ ଚୌକା ବଳରେ ୭୪ ରନ୍ କରିଥିଲେ। ସେ ଡକେଟ୍‌ଙ୍କ ସହ ମଧ୍ୟ ଦ୍ୱିତୀୟ ୱିକେଟ୍ ପାଇଁ ୧୦୧ ରନ୍ ଯୋଡ଼ିଥିଲେ। ସେହିପରି ବଟ୍‌ଲର୍ ଟି-୨୦ ଅନ୍ଦାଜରେ ବ୍ୟାଟିଂ କରି ମାତ୍ର ୧୩ ବଲ୍‌ରେ ୪ ଚୌକା ଓ ୩ ଛକା ବଳରେ ଅପରାଜିତ ୪୧ ରନ୍ କରିଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ୱିକେଟ୍ ଏବଂ ପ୍ରିନ୍ସ ଯାଦବ ଗୋଟିଏ ୱିକେଟ୍ ହାସଲ କରିଥିଲେ।

# ମଣିପୁର ଓ ମେଘାଳୟରେ ଫୁଟ୍‌ବଲ୍ ବିଶ୍ୱକପ୍ ଫିଭର୍

ଇମ୍ଫାଲ୍,(ଏଜେନ୍ସି): ମଣିପୁର ଓ ମେଘାଳୟ ସରକାର ଛାତ୍ରଙ୍କୁ ଫୁଟ୍‌ବଲ୍ ବିଶ୍ୱକପ୍‌ର ମଜା ନେବା ପାଇଁ ସୁଯୋଗ ଦେବା ନିମନ୍ତେ ସୋମବାର ରାଜ୍ୟର ସମସ୍ତ ଶିକ୍ଷଣ ସଂସ୍ଥାନରେ ଛୁଟି ଘୋଷଣା କରିଛନ୍ତି। ଫିଫା ବିଶ୍ୱକପ୍ ଫାଇନାଲ୍ ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ରବିବାର ରାତି ସାଢ଼େ ୧୨ଟାରେ ଖେଳାଯିବ। ସାରା ରାଜ୍ୟର ବିଦ୍ୟାର୍ଥୀ ଯେପରି ଉତ୍ସାହପୂର୍ବକ ଏହାର ଆନନ୍ଦ ନେଇପାରିବେ ସେଥିପାଇଁ ଏହି ଅବକାଶ ଘୋଷିତ କରାଯାଇଥିବା ଆଦେଶରେ କୁହାଯାଇଛି। ମଣିପୁର ଶିକ୍ଷା ବିଭାଗ ଦ୍ୱାରା ଆଦେଶ ଅନୁସାରେ ମାଧ୍ୟମିକ ଶିକ୍ଷା ବୋର୍ଡ, ଉଚ୍ଚତର ମାଧ୍ୟମିକ ଶିକ୍ଷା ପରିଷଦ, ସିବିଏସ୍‌ଇ ଅଥବା କୌଣସି ଅନ୍ୟ ବୋର୍ଡ ସମ୍ବନ୍ଧିତ ସମସ୍ତ ବିଦ୍ୟାଳୟ ସହିତ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ଘରୋଇ ମହାବିଦ୍ୟାଳୟ, ଉଚ୍ଚ ଶିକ୍ଷଣ ସଂସ୍ଥାନ ତଥା ବିଶ୍ୱବିଦ୍ୟାଳୟ ଜୁଲାଇ ୨୦ ତାରିଖରେ ବନ୍ଦ ରହିବ ବୋଲି ମଣିପୁର ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପିଭି ସିନ୍ଧୁ ଜାପାନ ଓପନ୍ ଚାମ୍ପିଅନ୍

ଟୋକିଓ,(ଏଜେନ୍ସି): ଭାରତର ଷ୍ଟାର୍ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପିଭି ସିନ୍ଧୁ ଶେଷରେ ନିଜ ଦୀର୍ଘ ଟାଇଟଲ୍ ପ୍ରତୀକ୍ଷାରେ ଅନ୍ତ ଘଟାଇ ଜାପାନ ଓପନ୍ ୨୦୨୬ର ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିଛନ୍ତି। ଟୋକିଓରେ ଖେଳାଯାଇଥିବା ବିଡବ୍ଲ୍ୟୁଏଫ୍ ସୁପର୍-୭୫୦ ଟୁର୍ଣ୍ଣାମେଣ୍ଟ୍ ଫାଇନାଲ୍‌ରେ ସିନ୍ଧୁ ଆୟୋଜକ ଜାପାନର ବିଶ୍ୱ ନମ୍ବର-୩ ଅକାନେ ୟାମାଗୁଚୀଙ୍କୁ ୨-୧୭, ୨୧-୧୭ ସିଧା ଗେମ୍‌ରେ ହରାଇ ଇତିହାସ ରଚିଛନ୍ତି। ପ୍ରାୟ ୫୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା ମ୍ୟାଚ୍‌ରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୟାମାଗୁଚୀଙ୍କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇନଥିଲେ। ଏହି ବିଜୟ ସହ ଜାପାନ ଓପନ୍ ଟାଇଟଲ୍ ଜିତିବାରେ ସିନ୍ଧୁ ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ସିନ୍ଧୁଙ୍କ ପାଇଁ ଏହି ବିଜୟ ବହୁ ଖାସ୍। ୨୦୨୪ରେ ସୟଦ୍ ମୋଦୀ ଇଣ୍ଟରନାସନାଲ୍ ଜିତିବାରେ ପ୍ରଥମ ଥର କୌଣସି ବିଡବ୍ଲ୍ୟୁଏଫ୍ ଟୁର୍ ଟାଇଟଲ୍ ସେ ନିଜ ନାମରେ କରିଛନ୍ତି। ସେହିପରି ଏହା ତାଙ୍କର ପ୍ରଥମ ସୁପର୍-୭୫୦ ଟାଇଟଲ୍। ୨୦୧୯ରେ ବିଶ୍ୱ ଚାମ୍ପିଅନ୍‌ଶିପ୍ ଜିତିବା ପରେ ଏହା ତାଙ୍କର ସବୁଠୁ ବଡ଼ ଅନ୍ତର୍ଜାତୀୟ ଟାଇଟଲ୍। ପୂରା ଟୁର୍ଣ୍ଣାମେଣ୍ଟରେ ୩୧ ବର୍ଷୀୟା ସିନ୍ଧୁ ଚମତ୍କାର ଲୟ ପ୍ରଦର୍ଶନ ସହ ସମସ୍ତ ମୁକାବିଲା ସିଧା ଗେମ୍‌ରେ ଜିତିବା ସହିତ ବିଶ୍ୱର ଶୀର୍ଷ ଖେଳାଳିଙ୍କୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସେମିଫାଇନାଲ୍‌ରେ ଚୀନ୍‌ର ଚେନ୍ ୟୁ ଫେଇ ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀ କାରଣରୁ ରିଟାୟର୍ଡ ହୋଇଥିଲେ। ସେତେବେଳକୁ ସିନ୍ଧୁ ୨୧-୧୯, ୧୫-୧୦ରେ ଆଗୁଆ ଥିଲେ। ଏହା ପୂର୍ବରୁ କ୍ୱାର୍ଟର୍ ଫାଇନାଲ୍‌ରେ ଜାପାନର ପୂର୍ବତନ ବିଶ୍ୱ ଚାମ୍ପିଅନ୍ ନୋଜୋମୀ ଓକୁହାରା ଆଘାତ କାରଣରୁ ଓହରିଯିବା ଫଳରେ ସିନ୍ଧୁଙ୍କ ୱାକ୍‌ଓଭର୍ ମିଳିଥିଲା। ଏହା ପୂର୍ବରୁ ଦ୍ୱିତୀୟ ରାଉଣ୍ଡ୍‌ରେ ସିନ୍ଧୁ ଚୀନ୍‌ର ହାନ୍ ୟୁ'ଙ୍କୁ ୩୫ ମିନିଟ୍ ମଧ୍ୟରେ ୨୧-୧୬, ୨୧-୧୪ରେ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସିନ୍ଧୁ ଚାରିବର୍ଷ ପରେ ୟାମାଗୁଚୀଙ୍କୁ କୌଣସି ପୂର୍ଣ୍ଣ ମ୍ୟାଚ୍‌ରେ ହରାଇବାରେ ସଫଳ ହୋଇଛନ୍ତି। ଗତଥର ୨୦୨୨ ଥାଇଲାଣ୍ଡ୍ ଓପନ୍‌ରେ ସିନ୍ଧୁ ବିଜୟୀ ହୋଇଥଲେ। ଗତବର୍ଷ ମାଲେସିଆ ଓପନ୍‌ରେ ୟାମାଗୁଚୀ ରିଟାୟର୍ଡ ହର୍ଟ ହୋଇଯାଇଥିଲେ।

## କୁନି ହାତର କୁନି ଗଳ୍ପ

# ମା' କଥା ମାନିବି



**ବିଭୁଦତ୍ତ ଦାଶ (ସୋହନ)**

ଦିନେ ଗୋଟିଏ କୁନି ଛେଳି ତା' ମା' ବାପାଙ୍କ ସହିତ ନୂଆ କରି ଜଙ୍ଗଲକୁ ଚରିବାକୁ ଗଲା। ପାହାଡ଼ ତଳେ ଗଛଗୁଡ଼ିକର କଅଁଳିଆ ପତ୍ର ଖାଇଲା।

ଖୁସିରେ ଖପ୍ ଖାପ୍ ହୋଇ ଡେଇଁଲା। ମନରେ କଅଣ ଭାବିଲା କେଜାଣି, ତା' ମା'କୁ କହିଲା - ମା'ଲୋ ମା', ମୁଁ ପାହାଡ଼ ଉପରକୁ ଟିକେ ଯିବି। ଚରି ବୁଲି ଶୀଘ୍ର ଫେରି ଆସିବି। କୁନି ଛୁଆ ହେତୁ ମା' ତାକୁ ମନାକଲା। କହିଲା - ତୁ ବଡ଼ ହୁଅ ମନଇଚ୍ଛା ଯେତେ ପାରିବୁ ସେତେ ବୁଲିବୁ,ଚରିବୁ। କୁନି ଛେଳି ର ମନ ଭାରି ଦୁଃଖ ହେଲା।

କିଛି ସମୟ ପରେ କୁନି ଛେଳି ବାପା,ମା'ଙ୍କୁ ନଜଣେଇ ସିଧା ଯାଇ ପାହାଡ଼ର ଶିଖରେ ହାଜର। ମା',ବାପା ଦୁହେଁ କୁନି ଛେଳିକୁ ଖୋଜି ଖୋଜି ମନ ଦୁଃଖରେ ପାହାଡ଼ ତଳେ ଗୋଟିଏ ପଥର ଉପରେ ବସିଥାଆନ୍ତି।

କୁନି ଛେଳି ପାହାଡ଼ ଉପରେ ମନ ମଉଜରେ କଅଁଳିଆ ପତ୍ରସବୁ ଖାଉଥିବା ସମୟରେ ପଡ଼ିଲା ଗୋଟେ ମହାବଳ ବାଘ ହାବୁଡ଼ରେ। ବାଘର ରଡ଼ି ଶୁଣି କୁନି ଛେଳି ର ପିଳେହି ପାଣି। ବାଘ କହିଲା - ଏ ପିଲା ମୁଁ ତତେ ଖାଇବି, ବହୁତ ଦିନ ହେଲା ମୁଁ ଭୋକରେ ଅଛି। ଏହି ସମୟରେ ବାଘର ଛୁଆ ବାଘକୁ ପଛରୁ ଡାକିବାରୁ ବାଘ ଅନ୍ୟମନସ୍କ ହୋଇଗଲା। ଠିକ୍ ଏତିକିବେଳେ କୁନି ଛେଳି ଗୋଟେ ଡିଆଁରେ ଆସି ଗୋଟିଏ ବୁଦା ରେ ଲୁଚିଗଲା। ବାଘ ତାକୁ ନପାଇ ବିରକ୍ତ ହୋଇ ଫେରିଗଲା ।

କୁନି ଛେଳିଟି ତା'ପରେ ଧୀରେ ଧୀରେ ବାପା,ମା'ପାଖକୁ ସଂଧ୍ୟାବେଳକୁ ଆସି ପହଞ୍ଚିଲା। ବାଟରେ ଭାବୁଥିଲା - ମା' କଥା ନ ମାନିବାରୁ ସିନା ଏମିତି ବିପଦରେ ପଡ଼ିଥିଲି। ଆଜିଠାରୁ ମୁଁ ମା' କଥା ନିଶ୍ଚୟ ମାନିବି। ବାପା,ମା'ଙ୍କୁ ପଚାରି ସବୁ କାମ କରିବି।

*୬ଷ୍ଠ ଶ୍ରେଣୀ,(କବି କୁଟୀର, ସୁବୁଦ୍ଧିପାଟଣା,)*
*ପି.ଏମ୍.ଶ୍ରୀ ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଙ୍କୁଲାଚଟୀ, ଖୋର୍ଦ୍ଧା*

# ଚିଠି

ମା' ଗର୍ଭରେ ଯେବେ ମୁଁ ଥିଲି
ଅନ୍ଧକାର ଛଡ଼ା କିଛି ଦେଖିନଥିଲି
ହରି ନାମ କରି ହୃଦୟରେ
କୃଷ୍ଣ ନାମ ପ୍ରେମେ ବୁଡ଼ିଥିଲି
ମା' ମୋର ଯେ ଚଳନ୍ତି ଠାକୁର
ଯାହା ପାଇଁ ଦୁନିଆ ଦେଖିଲି
ଦୁନିଆର ଲୋଭ, ମାୟା ସଂସାରେ
ତୁମକୁ ମୁଁ ପ୍ରଭୁ ହଜାଇଦେଲି
କେଡ଼େ ବଡ଼ ତୁମ ବିଚିତ୍ର ଜଗତ
ତୁମ ବିନା ପ୍ରଭୁ ଅନାଥ ସାଜିଲି
ପ୍ରଭୁ ଜଗନ୍ନାଥ ଅନାଥର ନାଥ
ହୃଦୟେ ଆଜି ଅନୁଭବ କଲି
ମଣିଷ ଜନମେ ଦୁଃଖ ସୁଖରେ
ପ୍ରଭୁ ମୁଁ ବୁଡ଼ି ରହିଲି
ନିର୍ଦ୍ଦୟ ମଣିଷ ରାକ୍ଷସ ସ୍ୱରୂପ
ନିଜକୁ ନିଜେ ନଷ୍ଟ କରିଲି
ସାଜିପାରିଲିନି ଦାସିଆ ବାଉରୀ
ପଶୁହୀନ କେଡ଼େ ସାଜିଲି
ତୁ ତୋ ବଡ଼ ମନୁଆ କାଳିଆ
ହସୁ ଥାଉ ଖିଲି ଖିଲି
ହୃଦୟ ତୋର ସାଗର ସମାନ
ଭକ୍ତ ସାଗର ନାମେ ଡାକିଲି
ତୋ ରଥଚକେ ଏ ଜୀବନ ଯିବ
ଛୋଟ ବିନତି କାଳିଆ ରଖିଲି
ଶେଷ ଦୃଶ୍ୟ ହେବ ରଥଯାତ ପୁରୀ
ଶେଷ ନିଶ୍ୱାସ ରେ ଡାକିଲି
ତୁ ମୋ ସାଅନ୍ତ୍ ମୋ ବଡ଼ ପୁଅ
କାଳିଆ ହୃଦୟେ ଡାକିଲି ॥

**ତୁଳସୀ ସାହୁ**
ଆଡ଼ିପଡ଼ା, ନୂଆଗାଁ, ନୟାଗଡ଼

ଜାତୀୟ ଚେତନା
JATIYA CHETANA

ପୃଷ୍ଠା-୮, ଭୁବନେଶ୍ୱର
ଜୁଲାଇ ୨୦ରୁ ଜୁଲାଇ ୨୬, ୨୦୨୬




### 01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 15.07.26 | 2200 | 16.07.26 | 0345 |
| 08407 | ଭଦ୍ରକ-ପୁରୀ | 15.07.26 | 2130 | 16.07.26 | 0355 |
| 08421 | ଅନୁଗୁଳ-ପୁରୀ | 16.07.26 | 0500 | 16.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 16.07.26 | 0230 | 16.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 16.07.26 | 0500 | 16.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 16.07.26 | 0800 | 16.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ୍-ପୁରୀ | 16.07.26 | 0630 | 16.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 16.07.26 | 0700 | 16.07.26 | 1230 |
| 08437 | ପଲାସା-ପୁରୀ | 15.07.26 | 2100 | 16.07.26 | 0200 |
| 08557 | ଗୁଣୁପୁର-ପୁରୀ | 15.07.26 | 1830 | 16.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 15.07.26 | 1230 | 15.07.26 | 2130 |
| 08553 | ଜଗଦଲପୁର-ପୁରୀ | 15.07.26 | 0600 | 16.07.26 | 0140 |
| 08555 | ରାୟଗଡ଼ା-ପୁରୀ | 15.07.26 | 1430 | 16.07.26 | 0400 |
| 08559 | ସମ୍ବଲପୁର-ପୁରୀ | 15.07.26 | 2200 | 16.07.26 | 0615 |
| 08336 | ଜୁନାଗଡ଼ ରୋଡ୍-ପୁରୀ | 15.07.26 | 2050 | 16.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 15.07.26 | 1000 | 15.07.26 | 2100 |
| 08565 | ଶାଳିମାର-ପୁରୀ | 15.07.26 | 1800 | 16.07.26 | 0600 |
| 08331 | ରାଉରକେଲା-ପୁରୀ | 15.07.26 | 1940 | 16.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 15.07.26 | 0900 | 15.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 15.07.26 | 1430 | 16.07.26 | 0300 |
| 08567 | ବଡ଼ବିଲ-ପୁରୀ | 15.07.26 | 0735 | 15.07.26 | 1730 |

### 02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 16.07.26 | 1505 | 16.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ୍ | 16.07.26 | 1815 | 17.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 16.07.26 | 2100 | 17.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 16.07.26 | 2115 | 17.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 16.07.26 | 2130 | 17.07.26 | 0315 |
| 08444 | ପୁରୀ-ତାଳଚେର | 17.07.26 | 0005 | 17.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 17.07.26 | 0100 | 17.07.26 | 0430 |
| 08422 | ପୁରୀ-ଅନୁଗୁଳ | 17.07.26 | 0215 | 17.07.26 | 0745 |
| 08438 | ପୁରୀ-ପଲାସା | 17.07.26 | 0400 | 17.07.26 | 0915 |
| 08558 | ପୁରୀ-ଗୁଣୁପୁର | 17.07.26 | 0245 | 17.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 17.07.26 | 0230 | 17.07.26 | 1105 |
| 08554 | ପୁରୀ-ଜଗଦଲପୁର | 16.07.26 | 1915 | 17.07.26 | 1315 |
| 08556 | ପୁରୀ-ରାୟଗଡ଼ା | 17.07.26 | 0130 | 17.07.26 | 1430 |
| 08560 | ପୁରୀ-ସମ୍ବଲପୁର | 17.07.26 | 0330 | 17.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ୍ | 17.07.26 | 0700 | 17.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 16.07.26 | 2030 | 17.07.26 | 0640 |
| 08566 | ପୁରୀ-ଶାଳିମାର | 17.07.26 | 0030 | 17.07.26 | 1330 |
| 08332 | ପୁରୀ-ରାଉରକେଲା | 17.07.26 | 0300 | 17.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 17.07.26 | 0045 | 17.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 17.07.26 | 0115 | 17.07.26 | 1330 |
| 08568 | ପୁରୀ-ବଡ଼ବିଲ | 16.07.26 | 1945 | 17.07.26 | 0700 |

### 03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 23.07.26 | 2200 | 24.07.26 | 0345 |
| 08407 | ଭଦ୍ରକ-ପୁରୀ | 23.07.26 | 2130 | 24.07.26 | 0355 |
| 08421 | ଅନୁଗୁଳ-ପୁରୀ | 24.07.26 | 0500 | 24.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 24.07.26 | 0230 | 24.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 24.07.26 | 0500 | 24.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 24.07.26 | 0800 | 24.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ୍-ପୁରୀ | 24.07.26 | 0630 | 24.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 24.07.26 | 0700 | 24.07.26 | 1230 |
| 08437 | ପଲାସା-ପୁରୀ | 23.07.26 | 2100 | 24.07.26 | 0200 |
| 08557 | ଗୁଣୁପୁର-ପୁରୀ | 23.07.26 | 1830 | 24.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 23.07.26 | 1230 | 23.07.26 | 2130 |
| 08553 | ଜଗଦଲପୁର-ପୁରୀ | 23.07.26 | 0600 | 24.07.26 | 0140 |
| 08555 | ରାୟଗଡ଼ା-ପୁରୀ | 23.07.26 | 1430 | 24.07.26 | 0400 |
| 08559 | ସମ୍ବଲପୁର-ପୁରୀ | 23.07.26 | 2200 | 24.07.26 | 0615 |
| 08336 | ଜୁନାଗଡ଼ ରୋଡ୍-ପୁରୀ | 23.07.26 | 2050 | 24.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 23.07.26 | 1000 | 23.07.26 | 2100 |
| 08565 | ଶାଳିମାର-ପୁରୀ | 23.07.26 | 1800 | 24.07.26 | 0600 |
| 08331 | ରାଉରକେଲା-ପୁରୀ | 23.07.26 | 1940 | 24.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 23.07.26 | 0900 | 23.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 23.07.26 | 1430 | 24.07.26 | 0300 |
| 08567 | ବଡ଼ବିଲ-ପୁରୀ | 23.07.26 | 0735 | 23.07.26 | 1730 |

### 04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 24.07.26 | 1505 | 24.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ୍ | 24.07.26 | 1815 | 25.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 24.07.26 | 2100 | 25.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 24.07.26 | 2115 | 25.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 24.07.26 | 2130 | 25.07.26 | 0315 |
| 08444 | ପୁରୀ-ତାଳଚେର | 25.07.26 | 0005 | 25.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 25.07.26 | 0100 | 25.07.26 | 0430 |
| 08422 | ପୁରୀ-ଅନୁଗୁଳ | 25.07.26 | 0215 | 25.07.26 | 0745 |
| 08438 | ପୁରୀ-ପଲାସା | 25.07.26 | 0400 | 25.07.26 | 0915 |
| 08558 | ପୁରୀ-ଗୁଣୁପୁର | 25.07.26 | 0245 | 25.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 25.07.26 | 0230 | 25.07.26 | 1105 |
| 08554 | ପୁରୀ-ଜଗଦଲପୁର | 24.07.26 | 1915 | 25.07.26 | 1315 |
| 08556 | ପୁରୀ-ରାୟଗଡ଼ା | 25.07.26 | 0130 | 25.07.26 | 1430 |
| 08560 | ପୁରୀ-ସମ୍ବଲପୁର | 25.07.26 | 0330 | 25.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ୍ | 25.07.26 | 0700 | 25.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 24.07.26 | 2030 | 25.07.26 | 0640 |
| 08566 | ପୁରୀ-ଶାଳିମାର | 25.07.26 | 0030 | 25.07.26 | 1330 |
| 08332 | ପୁରୀ-ରାଉରକେଲା | 25.07.26 | 0300 | 25.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 25.07.26 | 0045 | 25.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 25.07.26 | 0115 | 25.07.26 | 1330 |
| 08568 | ପୁରୀ-ବଡ଼ବିଲ | 24.07.26 | 1945 | 25.07.26 | 0700 |

### 05. ସୁନାବେଶ ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 24.07.26 | 2200 | 25.07.26 | 0345 |
| 08407 | ଭଦ୍ରକ-ପୁରୀ | 24.07.26 | 2130 | 25.07.26 | 0355 |
| 08421 | ଅନୁଗୁଳ-ପୁରୀ | 25.07.26 | 0500 | 25.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 25.07.26 | 0230 | 25.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 25.07.26 | 0500 | 25.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 25.07.26 | 0800 | 25.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ୍-ପୁରୀ | 25.07.26 | 0630 | 25.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 25.07.26 | 0700 | 25.07.26 | 1230 |
| 08563 | ବାଙ୍ଗିରିପୋଷି-ପୁରୀ | 24.07.26 | 1430 | 25.07.26 | 0300 |

### 06. ସୁନାବେଶ ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 25.07.26 | 1505 | 25.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ୍ | 25.07.26 | 1815 | 26.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 25.07.26 | 2100 | 26.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 25.07.26 | 2115 | 26.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 25.07.26 | 2130 | 26.07.26 | 0315 |
| 08444 | ପୁରୀ-ତାଳଚେର | 26.07.26 | 0005 | 26.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 26.07.26 | 0100 | 26.07.26 | 0430 |
| 08422 | ପୁରୀ-ଅନୁଗୁଳ | 26.07.26 | 0215 | 26.07.26 | 0745 |
| 08564 | ପୁରୀ-ବାଙ୍ଗିରିପୋଷି | 26.07.26 | 0115 | 26.07.26 | 1330 |

### 07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08423 | ବ୍ରହ୍ମପୁର-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0230 |
| 08431 | ଦଶପଲ୍ଲା-ପୁରୀ | 15.07.2026 ଠାରୁ 25.07.2026 | 2330 | ପରବର୍ତ୍ତୀ ଦିନ | 0330 |
| 08419 | ଅନୁଗୁଳ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0430 |
| 08411 | କେନ୍ଦୁଝରଗଡ଼-ପୁରୀ | 15.07.2026 ଠାରୁ 25.07.2026 | 2100 | ପରବର୍ତ୍ତୀ ଦିନ | 0505 |
| 08415 | ପାରାଦ୍ୱୀପ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0540 |
| 08425 | ବ୍ରହ୍ମପୁର-ପୁରୀ | 16.07.2026 ଠାରୁ 26.07.2026 | 0530 | ସେହି ଦିନ | 0930 |
| 08409 | ଭଦ୍ରକ-ପୁରୀ | 16.07.2026 ଠାରୁ 26.07.2026 | 0420 | ସେହି ଦିନ | 1020 |
| 08433 | ଦଶପଲ୍ଲା-ପୁରୀ | 16.07.2026 ଠାରୁ 26.07.2026 | 0800 | ସେହି ଦିନ | 1315 |
| 08451 | ଖୋର୍ଦ୍ଧା ରୋଡ୍-ପୁରୀ | 16.07.2026 ଠାରୁ 26.07.2026 | 1330 | ସେହି ଦିନ | 1430 |

### 08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସତନ୍ତ୍ର ଟ୍ରେନ

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08452 | ପୁରୀ-ଖୋର୍ଦ୍ଧା ରୋଡ୍ | 16.07.2026 ଠାରୁ 26.07.2026 | 1445 | ସେହି ଦିନ | 1545 |
| 08432 | ପୁରୀ-ଦଶପଲ୍ଲା | 16.07.2026 ଠାରୁ 26.07.2026 | 1430 | ସେହି ଦିନ | 1830 |
| 08424 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 1530 | ସେହି ଦିନ | 2100 |
| 08412 | ପୁରୀ-କେନ୍ଦୁଝରଗଡ଼ | 16.07.2026 ଠାରୁ 26.07.2026 | 1615 | ସେହି ଦିନ | 2345 |
| 08416 | ପୁରୀ-ପାରାଦ୍ୱୀପ | 16.07.2026 ଠାରୁ 26.07.2026 | 1745 | ସେହି ଦିନ | 2355 |
| 08420 | ପୁରୀ-ଅନୁଗୁଳ | 16.07.2026 ଠାରୁ 26.07.2026 | 1900 | ପରବର୍ତ୍ତୀ ଦିନ | 0030 |
| 08426 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 2230 | ପରବର୍ତ୍ତୀ ଦିନ | 0300 |
| 08410 | ପୁରୀ-ଭଦ୍ରକ | 17.07.2026 ଠାରୁ 27.07.2026 | 0200 | ସେହି ଦିନ | 0700 |
| 08434 | ପୁରୀ-ଦଶପଲ୍ଲା | 17.07.2026 ଠାରୁ 27.07.2026 | 0315 | ସେହି ଦିନ | 0645 |

ରଥଯାତ୍ରା ସତନ୍ତ୍ର ଟ୍ରେନ ଗୁଡ଼ିକ ସତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ। ବ୍ରହ୍ମପୁର ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP

RailOne

କିମ୍ବା ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରନ୍ତୁ

RailOne
ଏକିକୃତ ରେଲୱେ ଆପ୍

## ରଥଯାତ୍ରା ମୋବାଇଲ୍ ଆପ୍

ସମସ୍ତ ସୂଚନା ପାଇଁ ପୂର୍ବ ତଟ ରେଳପଥର ରଥଯାତ୍ରା ମୋବାଇଲ୍ ଆପ୍
ECOR YATRA ପରିଦର୍ଶନ କରନ୍ତୁ

Google Play Store ରୁ ଏହି ଆପ୍ ଡାଉନଲୋଡ୍ କରନ୍ତୁ



## ପୂର୍ବ ତଟ ରେଳପଥ

www.eastcoastrail.indianrailways.gov.in

ଡାଏଲ୍ କରନ୍ତୁ 139
ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା, ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor

D-06/26-27

## ଜାତୀୟ ମଞ୍ଚରେ ଓଡ଼ିଆ ସିନେମାର ଜୟଯାତ୍ରା

# ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ସମ୍ମାନ ପାଇଲା 'ଲହରୀ'

ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଚଳିତ ବର୍ଷର ପ୍ରତିଷ୍ଠିତ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି, ଯେଉଁଥିରେ ଓଡ଼ିଆ ସିନେମା ଜଗତ ପାଇଁ ଏକ ବଡ଼ ଏବଂ ଗୌରବମୟ ଖବର ସାମ୍ନାକୁ ଆସିଛି। ୨୦୨୪ ବର୍ଷର ଭାରତୀୟ ସିନେମାର ଶ୍ରେଷ୍ଠ କୃତିଗୁଡ଼ିକୁ ସମ୍ମାନିତ କରାଯିବା ଅବସରରେ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'କୁ ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ ମନୋନୀତ କରାଯାଇଛି। ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତଥା ପୂର୍ବରୁ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଅଭିନେତ୍ରୀ ତଥା ଯୁବ ପ୍ରଯୋଜିକା ଝିଲିକ ଭଟ୍ଟାଚାର୍ଯ୍ୟ ନିଜର ବ୍ୟାନର 'ଝିଲିକ ମୋସନ ପିକ୍‌ଚର୍ସ' ଅଧୀନରେ ଏହାର ପ୍ରଯୋଜନା କରିଛନ୍ତି। ଜାତୀୟ ସ୍ତରରେ ଏହି ବିପୁଳ ସଫଳତା ପରେ ପ୍ରଯୋଜିକା ଝିଲିକ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିବା ସହ ଏହାକୁ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଉପହାର ଏବଂ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି। ସେ ଚଳଚ୍ଚିତ୍ର ସହ ଜଡ଼ିତ ପ୍ରତିଟି କଳାକାର, ବିଶେଷ କରି ଓଡ଼ିଆ ସିନେମାର ଦୁଇ ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ ଓ ଚୌଧୁରୀ ବିକାଶ ଦାସଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

ଚଳଚ୍ଚିତ୍ର 'ଲହରୀ'ର କାହାଣୀ ସାମାଜିକ ଜୀବନର ମୂଳ ତତ୍ତ୍ୱ ଏବଂ ବାପା-ପୁଅର ପବିତ୍ର ସମ୍ପର୍କର ମୂଲ୍ୟବୋଧ ଉପରେ ଆଧାରିତ। ବାସ୍ତବ ଜୀବନର ଅନେକ ଉତ୍ଥାନ-ପତନକୁ ଏଥିରେ ଅତି ସୂକ୍ଷ୍ମ ଭାବେ ଚିତ୍ରିତ କରାଯାଇଛି, ଯେଉଁଥିରେ ହସର ଲହରୀ ସହିତ ଲୁହର ଲହରୀ ମଧ୍ୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି। ଏହା ବ୍ୟତୀତ ଚଳଚ୍ଚିତ୍ରଟି ଏକ ବଡ଼ ସାମାଜିକ ବାର୍ତ୍ତା ଦିଏ ଯେ, ବିକାଶ ଓ ପ୍ରଗତିର ରାସ୍ତାରେ ବୟସ କେବେ ହେଲେ ବାଧା ସାଜିପାରେନାହିଁ। ପ୍ରଧାନମନ୍ତ୍ରୀଙ୍କ 'ଲୋକାଲ ଫର ଭୋକାଲ' ବାର୍ତ୍ତା ସଦୃଶ, ଇକୋ-ଟୁରିଜିମ ମାଧ୍ୟମରେ ଗାଁର ସାଧାରଣ ଲୋକମାନେ କିଭଳି ନିଜ ଅଞ୍ଚଳର ଏବଂ ନିଜର ଆର୍ଥିକ ବିକାଶ କରିପାରୁଛନ୍ତି, ତାହାକୁ ଏହି ସିନେମାରେ ଚମତ୍କାର ଭାବେ ଦେଖାଯାଇଛି। ପରଦାକୁ ଆସିବା ପୂର୍ବରୁ ଏହି ଚଳଚ୍ଚିତ୍ରଟି କୋଲକାତା ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଏବଂ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ବହୁ ପ୍ରଶଂସା ସାଉଁଟିଥିଲା ଏବଂ ପରବର୍ତ୍ତୀ ସମୟରେ ବ୍ୟବସାୟିକ ଭାବେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲା।

ଏହି ଚଳଚ୍ଚିତ୍ରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଏବଂ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ନିଜେ ତୁଲାଇଛନ୍ତି। ଚଳଚ୍ଚିତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଓଡ଼ିଶାର ବରିଷ୍ଠ କଳାକାର ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସଙ୍କ ସମେତ ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ ଏବଂ ଜେଇନ୍ଦ୍ର ଡୋଇୟର ପ୍ରମୁଖ ସଶକ୍ତ ଅଭିନୟ କରିଛନ୍ତି। ସେହିପରି କିଶଳୟ ରୟଙ୍କ ସଙ୍ଗୀତ ନିର୍ଦ୍ଦେଶନା ଚଳଚ୍ଚିତ୍ରକୁ ଅଧିକ ପ୍ରଭାବଶାଳୀ କରିଥିବା ବେଳେ ଗୌରବ ଆନନ୍ଦ ଓ ନବ୍ୟା ଜାଇତି ଏଥିରେ କଣ୍ଠଦାନ କରିଛନ୍ତି ଏବଂ ଶବ୍ଦ ସଜ୍ଜା ଦାୟିତ୍ୱରେ ଅଦୀପ ସିଂ ମାଣିକ ରହିଛନ୍ତି।

ଜାତୀୟ ସ୍ତରରେ 'ଲହରୀ'କୁ ଏହି ସମ୍ମାନ ମିଳିବା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୃଜନଶୀଳତା, ମୌଳିକତା ଏବଂ ଗୁଣାତ୍ମକ କାହାଣୀ ଶୈଳୀକୁ ପୁଣିଥରେ ପ୍ରତିଷ୍ଠିତ କରିଛି। ଏହି ସଫଳତା ସମ୍ପର୍କରେ ପ୍ରଯୋଜିକା ଝିଲିକ କହିଛନ୍ତି ଯେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ ଆମ ପାଇଁ ଏକ ବଡ଼ ଉପଲବ୍ଧି। ଏହି ସିନେମା ମାଧ୍ୟମରେ ଓଡ଼ିଶାର ମୌଳିକ କଥା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଜାତୀୟ ସ୍ତରରୁ ନେଇ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଲୋକେ ଜାଣିପାରିଛନ୍ତି।' ନିଶ୍ଚିତ ଭାବେ 'ଲହରୀ'ର ଏହି ଜାତୀୟ ବିଜୟ ଆଗାମୀ ଦିନରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ଓ କଳାକାରମାନଙ୍କୁ ଓଡ଼ିଶାର ମାଟି ଓ ସଂସ୍କୃତିକୁ ନେଇ ଅଧିକ ମନୋଜ୍ଞ ସିନେମା ତିଆରି କରିବା ପାଇଁ ଏକ ନୂଆ ପ୍ରେରଣା ଓ ଉତ୍ସାହ ଯୋଗାଇବ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: jatiyachetana@gmail.com, jatiyachetana@yahoo.com,
Chief Advisor: Pradosh Pattnaik ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ
Editor: Tapan Bihari Bhanja ସମ୍ପାଦକ: ତପନ ବିହାରୀ ଭଞ୍ଜ